# ୨୩

# ଭାରତରେ ଖଣିଜ ଓ ଶକ୍ତି ସମ୍ବଳର ବିକାଶ

ପୂର୍ବବର୍ତ୍ତୀ ଅଧ୍ୟାୟ ଗୁଡ଼ିକରେ ଆମେ ଭୂମି, ମୃତ୍ତିକା, ଜଳ ଓ ଅରଣ୍ୟ ସମ୍ବଳ ସମ୍ବନ୍ଧରେ ଅଧ୍ୟୟନ କରିସାରିଛେ । ଏହି ଅଧ୍ୟାୟରେ ଆଉ ଦୁଇଟି ମୁଖ୍ୟ ସମ୍ବଳ ଯଥା 'ଖଣିଜ' ଓ 'ଶକ୍ତି ସମ୍ବଳ' ବିଷୟରେ ଅଧ୍ୟୟନ କରିବା । ଭୂମି ଓ ଜଳ ପରି ଖଣିଜ ମଧ୍ୟ ପୃଥିବୀର ଅମୂଲ୍ୟ ସମ୍ପଦ । ଖଣିଜ ବିନା ଶିଳ୍ପାୟନ ବା ଦେଶର ଆର୍ଥିକ ପ୍ରଗତି କଳ୍ପନା କରାଯାଇନପାରେ । କେତେକ ଦେଶରେ ଖଣିଜ ପଦାର୍ଥ ହିଁ ଜାତୀୟ ଆୟର ମୁଖ୍ୟ ଉତ୍ସ । ଦେଶର ଉପଲବ୍ଧ ସମ୍ବଳର ସୁବିନିଯୋଗ ଉପରେ ଦେଶର ସାମାଜିକ ତଥା ଅର୍ଥନୈତିକ ବିକାଶ ନିର୍ଭର କରେ । ଖଣିଜ ପଦାର୍ଥର ମୁଖ୍ୟ ବିଶେଷତା ହେଲା ଥରେ ବ୍ୟବହାର ହୋଇସାରିବା ପରେ ଏହା ପ୍ରାୟ ସମାପ୍ତ ହୋଇଯାଏ । ଏଗୁଡ଼ିକ ନବୀକରଣ ଅଯୋଗ୍ୟ ପ୍ରାକୃତିକ ସମ୍ପଦ । ଆମର ବର୍ତ୍ତମାନ ଓ ଭବିଷ୍ୟତ କଲ୍ୟାଣ ସହ ଖଣିଜ ସମ୍ପର୍କୀତ । ତେଣୁ ଏହାର ସଂରକ୍ଷଣ ଓ ପୁନଃଚକ୍ରଣ କରାଯିବା ଅତ୍ୟାବଶ୍ୟକ ।

ରୋମ ସାମ୍ରାଜ୍ୟ ପତନର ଅନେକ କାରଣ ମଧ୍ୟରୁ ଏହାର ଖଣିଜ ସମ୍ପଦର ହ୍ରାସ ଓ ମୃତ୍ତିକା କ୍ଷୟ ଅନ୍ୟତମ । ଏପରିକି ବର୍ତ୍ତମାନ ସମୟରେ ମଧ୍ୟ ଅନେକ 'ଖଣିଜ ସହର' ଓ 'ଭୂତ ସହର'ରେ ପରିଣତ ହୋଇଛି । କାନାଡ଼ର ଇଲିୟଟ୍ ହ୍ରଦ ନିକଟବର୍ତ୍ତୀ ସହର ଆଣବିକ ଯୁଗର ପ୍ରଥମ ପରିତ୍ୟକ୍ତ ଭୂତ ସହରରେ ପରିଣତ ହୋଇଛି । ପଚାଶ ଦଶକର ମଧ୍ୟଭାଗରେ ୟୁରାନିୟମ୍ ଖଣି ଆବିଷ୍କୃତ ହେବାଠାରୁ ଏ ଅଞ୍ଚଳର ଖଣିଜ ଉତ୍ତୋଳନ ଓ ସଂଗ୍ରହଣ ଉଦ୍ଦେଶ୍ୟରେ 1958 ମସିହାବେଳକୁ ଏହାର ଜନସଂଖ୍ୟା 25,000ରେ ପହଞ୍ଚିଥିଲା । 1961 ମସିହାରେ ଆମେରିକାର ବିକଳ୍ପ ଖଣିଜ ଭଣ୍ଡାର ଆବିଷ୍କୃତ ହେବାରୁ ଏହାର ଜନସଂଖ୍ୟା 5000କୁ ହ୍ରାସ ପାଇଥିଲା । ଏଥିରୁ ଜଣାପଡ଼େ ଯେ ଖଣିଜ ଓ ଶକ୍ତି ସମ୍ବଳ ଉପରେ ଆଧାରିତ ଉନ୍ନତିକୁ ସ୍ଥାୟୀରୂପେ ଗ୍ରହଣ କରାଯାଇପାରିବ ନାହିଁ ।

ଏହି ଅଧ୍ୟାୟରେ ଆମେ କେତେକ ମୁଖ୍ୟ ଖଣିଜ, ଖଣିଜ ତୈଳ ଓ ଅନ୍ୟାନ୍ୟ ଶକ୍ତିର ଉତ୍ସ, ସେଗୁଡ଼ିକର ଭୌଗୋଳିକ ବିତରଣ, ତତ୍ ସଂଲଗ୍ନ ସମସ୍ୟା ତଥା ସେଗୁଡ଼ିକର ସଂରକ୍ଷଣ ବିଷୟରେ ଅଧ୍ୟୟନ କରିବା ।



ଟିପ୍ପଣୀ

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଠନ ପରେ ତୁମେ :

- ଦେଶର ଖଣିଜ ସମ୍ବଳର ସ୍ଥିତି କହିପାରିବ;
- ଦେଶର ପ୍ରଗତିର ଖଣିଜ ଓ ଶକ୍ତି ସମ୍ବଳର ଭୂମିକା ବୁଝାଇ ପାରିବ;
- (i) ଧାତୁ ଖଣିଜ ଓ ଅଧାତୁ ଖଣିଜ, (ii) ପାରମ୍ପାରିକ ଶକ୍ତି ଓ ଅଣପାରମ୍ପାରିକ ଶକ୍ତି ଉତ୍ସ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ;
- ଭାରତ ମାନଚିତ୍ରରେ ଖଣିଜ ଓ ଶକ୍ତି ସମ୍ବଳ ଗଚ୍ଛିତଥିବା ସ୍ଥାନ ଦର୍ଶାଇପାରିବ;
- ଖନନ, ଶୋଧନ ଓ ଜୀବାଶ୍ମ ଇନ୍ଧନର ପରିବେଶ ଉପରେ ପ୍ରଭାବକୁ ବୁଝିପାରିବ;
- ଖଣିଜ ଓ ଶକ୍ତି ସମ୍ବଳର ସଂରକ୍ଷଣ ପାଇଁ ମତାମତ ପ୍ରଦାନ କରିପାରିବ ।

## 23.1 ଭାରତର ଖଣିଜ ସମ୍ବଳ :

ଖଣିଜ ସମ୍ପଦ ଦୃଷ୍ଟିରୁ ଆମଦେଶ ଏକ ପ୍ରାଚୁର୍ଯ୍ୟଭରା ଦେଶ । ଏଠାରେ 100ରୁ ଅଧିକ ପ୍ରକାର ଖଣିଜ ସମ୍ପଦ ରହିଛି । ଏଥିରୁ 30ପ୍ରକାର ଖଣିଜର ଆର୍ଥନୀତିକ ପ୍ରାଧାନ୍ୟ ରହିଛି । କୋଇଲା, ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ୍ ଓ ଅଭ୍ର ଆଦି ଏହି ପ୍ରକାର ଖଣିଜ । ଫେଲ୍ଡସ୍ପାର, ଫ୍ଲୋରାଇଡ୍, ଚୁନପଥର, ଡ଼ୋଲାମାଇଟ୍ ଓ ଜିପ୍‌ସମ୍ ଆଦି ଖଣିଜ ପଦାର୍ଥର ସ୍ଥିତି ଭାରତରେ ସନ୍ତୋଷଜନକ କିନ୍ତୁ ପେଟ୍ରୋଲିୟମ୍ ଏବଂ କେତେକ ଲୌହ ଧାତୁ ଯଥା ତମ୍ବା, ସୀସା, ଜିଙ୍କ୍, ଟିଣ ଓ ଗ୍ରାଫାଇଟ୍ ଆଦି ଖଣିଜ ଅଭାବ ରହିଛି । ଲୌହ ନଥିବା ଖଣିଜକୁ ଲୌହ ବିହୀନ ଖଣିଜ କୁହାଯାଏ । ବହିର୍ଦେଶରୁ ଆମଦାନୀ କରି ଏହି ଖଣିଜର ଆବଶ୍ୟକତା ପୂରଣ କରାଯାଏ ।

ବ୍ରିଟିଶ୍ ଶାସନ କାଳରେ ଭାରତରେ ଶିଳ୍ପର ବିକାଶ ହୋଇନଥିଲା । ତେଣୁ ପ୍ରଚୁର ଖଣିଜ ପଦାର୍ଥ ବିଦେଶକୁ ରପ୍ତାନୀ କରାଯାଉଥିଲା । ସ୍ୱାଧୀନତା ପରେ ଯଦିଓ ଖଣିଜ ପଦାର୍ଥ ରପ୍ତାନୀ କରାଯାଉଛି, ତଥାପି ଦେଶର ଔଦ୍ୟୋଗିକ ଚାହିଦା ପାଇଁ ମଧ୍ୟ ଖଣିଜ ଉତ୍ତୋଳନ କରାଯାଉଛି । ଫଳସ୍ୱରୂପ ଉତ୍ତୋଳିତ ଖଣିଜର ମୋଟ୍ ମୂଲ୍ୟ 1950-51 ମସିହାରେ 892 ମିଲିୟନ୍ ଟଙ୍କା ଥିବାବେଳେ 2004-05ରେ ଏହା 744 ମିଲିୟନ୍ ଟଙ୍କାରେ ପହଞ୍ଚିଥିଲା । ତେଣୁ ବିଗତ 55ବର୍ଷ ମଧ୍ୟରେ ଏହା 834 ଗୁଣ ବୃଦ୍ଧି ହୋଇଛି । ଯଦିଓ ଖଣିଜକୁ ଅଲଗା ଅଲଗା କରି ଉପରୋକ୍ତ ମୂଲ୍ୟରେ କାହାର ଯୋଗଦାନ କେତେ ଜାଣିବାକୁ ଚେଷ୍ଟା କରାଯାଏ, ତେବେ ଦେଖାଯାଉଛି ଯେ ଇନ୍ଧନ ଖଣିଜ (ଯଥା କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ ଓ ଲିଗ୍‌ନାଇଟ୍)ର 77%, ଧାତବୀୟ ଖଣିଜ 10%, ଅଧାତୁ ଖଣିଜ 3% ଯୋଗଦାନ ରହିଛି ।

ଲୁହାପଥର, କ୍ରୋମାଇଟ୍, ମାଙ୍ଗାନିଜ, ଦସ୍ତା, ବକ୍ସାଇଟ୍, ତମ୍ବା, ସୁନା ଆଦି ପ୍ରମୁଖ ଧାତବୀୟ ଖଣିଜ, ଚୁନପଥର, ଫସ୍‌ଫୋରାଇଟ୍, ଡୋଲୋମାଇଟ୍, କାଓଲିନ୍, ମ୍ୟାଗ୍ନେସାଇଟ୍, ବେରାଇଟ୍ ଓ ଜିପ୍‌ସମ୍ ଆଦି ମୁଖ୍ୟ ଅଧାତୁ ଖଣିଜ ଯଦି ମୂଲ୍ୟ ଦୃଷ୍ଟିରୁ ପ୍ରତ୍ୟେକ ଖଣିଜକୁ ବିଚାର କରାଯାଏ, ତେବେ କୋଇଲାର 36.65%, ପେଟ୍ରୋଲିୟମ୍ 25.48%, ପ୍ରାକୃତିକ ବାଷ୍ପ 12.02%, ଲୁହାପଥର 7.27%, ଲିଗ୍‌ନାଇଟ୍ 2.65%, ଚୁନପଥର 2.15% ଏବଂ କ୍ରୋମାଇଟ୍ 1.1% ପରି କେତେକ ଖଣିଜର ଅଂଶ 1% ରୁ ଅଧିକ ଅଟେ ।

ବର୍ତ୍ତମାନ ସୁଦ୍ଧା ଆମେ ଦେଶରେ ଉପଲବ୍ଧ ଖଣିଜର ଅର୍ଥନୈତିକ ଗୁରୁତ୍ୱ ବିଷୟରେ ଆଲୋଚନା କରିଛେ । ପରବର୍ତ୍ତୀ ପର୍ଯ୍ୟାୟରେ ଆମେ ଖଣିଜର ଭୌଗୋଳିକ ବିତରଣ ବିଷୟରେ ଆଲୋଚନା କରିବା ।



ଟିପ୍ପଣୀ

## 23.2 ଖଣିଜ ପଦାର୍ଥ ଓ ଶକ୍ତି ସମ୍ବଳର ସ୍ଥାନୀୟ ବିତରଣ

ଆମଦେଶରେ ଖଣିଜ ଓ ଶକ୍ତି ସମ୍ବଳର ବିତରଣରେ ଖୁବ୍ ଅସମାନତା ଦେଖାଯାଏ । କାରଣ ଖଣିଜ ସମ୍ବଳର ଉପସ୍ଥିତି କେତୋଟି ବିଶିଷ୍ଟ ଭୂ-ତାତ୍ତ୍ୱିକ ସଂରଚନା ସହ ସଂପୃକ୍ତ । କୋଇଲା ଖଣି ଗୁଡ଼ିକ ମୁଖ୍ୟତଃ ଗଣ୍ଡୱାନା ପ୍ରଣାଳୀ ସହ ଧାତିବ ଖଣିଜ ଯଥା ତମ୍ବା, ସୀସା, ଦସ୍ତା ଧରୱାରା ଓ କୁଡ଼ାପ୍ପା ପ୍ରଣାଳୀ ସହ ଏବଂ ଅଧାତବ ଖଣିଜ ଯଥା ଚୁନପଥର, ଡ଼ୋଲାମାଇଟ୍, ଜିପ୍‌ସମ୍, କ୍ୟାଲ୍‌ସିୟମ୍ ଓ ସଲଫେଟ୍ ଆଦି କୁଡ଼ାପ୍ପା ଓ ଉପର ବିନ୍ଧ୍ୟ ପ୍ରଣାଳୀ ସହ ସଂଶ୍ଳିଷ୍ଟ ।

ଯଦି ଆମେ ଦେଶର ବିଭିନ୍ନ ଭାଗରେ ଖଣିଜ ପଦାର୍ଥ ବିତରଣ କଥା, ତେବେ ଜାଣିପାରିବା ଯେ ଭାରତ ଉପଦ୍ୱୀପ ଅଞ୍ଚଳରେ ମାଙ୍ଗାଲୋର୍ କାନ୍‌ପୁର ସହ ସଂଯୋଗ କରୁଥିବା ରେଖାର ପଶ୍ଚିମପଟେ ବହୁତ କମ୍ ପରିମାଣରେ ଖଣିଜ ଗଚ୍ଛିତ ଅଛି । ଏହି ରେଖାର ପୂର୍ବପଟେ ଅବସ୍ଥିତ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗରେ ଲୁହା, ମାଙ୍ଗାନିଜ, ବକ୍ସାଇଟ୍ ଇତ୍ୟାଦି ଧାତବ ଖଣିଜ ପ୍ରଚୁର ପରିମାଣରେ ଗଚ୍ଛିତ ଅଛି । ଏହା ସହିତ କୋଇଲା, ଚୁନପଥର, ଡ଼ୋଲୋମାଇଟ୍, ଜିପ୍‌ସମ୍ ଇତ୍ୟାଦି ଅଧାତବ ଖଣିଜ ମଧ ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ଗଚ୍ଛିତ ଅଛି । ଅଧିକାଂଶ ଖଣିଜ ପଦାର୍ଥ ପରିପୂର୍ଣ୍ଣ ରାଜ୍ୟ ଭାରତର ଉପଦ୍ୱୀପୀୟ ମାଳଭୂମି ଅଞ୍ଚଳରେ ଅବସ୍ଥିତ । ଭାରତର ଉପଦ୍ୱୀପୀୟ ମାଳଭୂମି ଅଞ୍ଚଳରେ ତିନିଗୋଟି ଖଣିଜ ବଳୟ ଚିହ୍ନଟ କରାଯାଇଛି ।

1. **ଉତ୍ତର-ପୂର୍ବ ମାଳଭୂମି :** ଛୋଟ ନାଗପୁର ମାଳଭୂମି, ଓଡ଼ିଶା ମାଳଭୂମି ଓ ପୂର୍ବ ଆନ୍ଧ୍ରପ୍ରଦେଶ ମାଳଭୂମି ଏହି ବଳୟର ଅନ୍ତର୍ଗତ । ଧାତବ ଶିଳ୍ପରେ ବ୍ୟବହାର ହେଉଥିବା ଖଣିଜ ପଦାର୍ଥ ଏହି ବଳୟରେ ଭରପୁର ରହିଛି । ଏ ଅଞ୍ଚଳରେ ବିପୁଳ ପରିମାଣରେ ଗଚ୍ଛିତ ଥିବା ଖଣିଜ ଗୁଡ଼ିକ ଯଥାକ୍ରମେ ଲୁହାପଥର, ମାଙ୍ଗାନିଜ୍, ଅଭ୍ର, ବକ୍ସାଇଟ୍, ଚୁନପଥର ଓ ଡ଼ୋଲୋମାଇଟ୍ ଇତ୍ୟାଦି । ତା'ଛଡ଼ା ଦାମୋଦର, ମହାନଦୀ ଓ ସୋନ୍ ଉପତ୍ୟକାରେ ପ୍ରଚୁର କୋଇଲା ମହଜୁଦ୍ ଅଛି । ଏହି ଅଞ୍ଚଳରେ ମଧ ପର୍ଯ୍ୟାପ୍ତ ପରିମାଣରେ ତମ୍ବା, ୟୁରାନିୟମ୍, ଥୋରିୟମ୍ ଓ ଫସ୍‌ଫେଟ୍ ଇତ୍ୟାଦି ଗଚ୍ଛିତ ଅଛି ।

୨. **ଦକ୍ଷିଣ-ପଶ୍ଚିମ ମାଳଭୂମି :** ଏହି ଅଞ୍ଚଳ କର୍ଣ୍ଣାଟକ ମାଳଭୂମି ଓ ତତ୍‌ସଂଲଗ୍ନ ତାମିଲନାଡୁ ମାଳଭୂମି ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏଠାରେ ଲୁହାପଥର, ମାଙ୍ଗାନିଜ୍ ଓ ବକ୍‌ସାଇଟ୍ ପରି ଧାତବ ଖଣିଜ ଏବଂ କେତେକ ଅଧାତବ ଖଣିଜ ପଦାର୍ଥ ଗଚ୍ଛିତ ଅଛି । ଭାରତର ତିନୋଟି ଯାକ ସୁନାଖଣି ଏହି ଅଞ୍ଚଳରେ ରହିଛି । କିନ୍ତୁ ଏଠାରେ କୋଇଲା ଖଣି ଦେଖାଯାଏ ନାହିଁ ।

୩. **ଉତ୍ତର-ପଶ୍ଚିମ ଅଞ୍ଚଳ :** ଏହି ବଳୟ ଗୁଜୁରାଟର ଖମ୍ବାଟ ଉପସାଗର ଠାରୁ ରାଜସ୍ଥାନର ଆରାବଳୀ ପର୍ବତ ପର୍ଯ୍ୟନ୍ତ ବିସ୍ତୃତ । ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପର ମୁଖ୍ୟ ଖଣିସବୁ ଏହିଠାରେ ଅବସ୍ଥିତ । ଅନ୍ୟାନ୍ୟ ଖଣିଜ ସ୍ୱଳ୍ପ ଓ ବିଚ୍ଛୁରିତ ଭାବେ ଏଣେତେଣେ ରହିଛି । ତଥାପି ତମ୍ବା, ରୂପା, ସୀସା ଓ ଦସ୍ତାପରି କେତେକ ଲୌହ ବିହୀନ ଧାତୁଖଣି ଓ ଉତ୍ତୋଳନ ପାଇଁ ଏ ବଳୟ ଦେଶରେ ପ୍ରସିଦ୍ଧ ।

   ଏହିସବୁ ଖଣିଜ ବଳୟ ଛଡ଼ା ଉପର ବ୍ରହ୍ମପୁତ୍ର ଉପତ୍ୟକା ପେଟ୍ରୋଲିୟମ୍ ପାଇଁ ଓ କେରଳର ସମୁଦ୍ରତଟବର୍ତ୍ତୀ ଅଞ୍ଚଳ ଭାରି ଖଣିଜ ଯୁକ୍ତ (ତେଜସ୍କ୍ରୀୟ ଧାତୁ ଯୁକ୍ତ) ବାଲି ପାଇଁ ପ୍ରସିଦ୍ଧ ।



ଟିପ୍ପଣୀ

ଉପରୋକ୍ତ ଅଞ୍ଚଳ ଛଡ଼ା ଦେଶର ଅନ୍ୟାନ୍ୟ ଭାଗରେ ଖଣିଜ ପଦାର୍ଥ ସ୍ୱଳ୍ପ ପରିମାଣରେ ତଥା ବିଚ୍ଛୁରିତ ଭାବେ ଗଚ୍ଛିତ ଅଛି ।

ପରବର୍ତ୍ତୀ ଅନୁଚ୍ଛେଦରେ ଆମେ ଖଣିଜ ଇନ୍ଧନ ଓ ବିଭିନ୍ନ ପ୍ରକାର ଖଣିଜ ବିଷୟରେ ବିସ୍ତୃତ ଆଲୋଚନା କରିବା । କୋଇଲା, ପେଟ୍ରୋଲିୟମ୍ ପ୍ରାକୃତିକ ବାଷ୍ପ, ୟୁରାନିୟମ୍ ଓ ଥୋରିୟମ୍ ପରି ଆଣବିକ ଖଣିଜ ଆଦି ଖଣିଜ ଇନ୍ଧନ ଅଟନ୍ତି । ଦୁଇପ୍ରକାର ଖଣିଜ ଯଥା ଲୌହମିଶ୍ରିତ ଓ ଲୌହ ବିହୀନ ଖଣିଜ ବିଷୟରେ ଆଲୋଚନା କରାଯିବ ।

## 23.3 ଖଣିଜ ଇନ୍ଧନ

କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ ଓ ଆଣବିକ ଧାତୁଗୁଡ଼ିକ ଖଣିଜ ଇନ୍ଧନ ଅନ୍ତର୍ଗତ ।

### (କ) କୋଇଲା

ଭାରତରେ କୋଇଲା ବାଣିଜ୍ୟିକ ଶକ୍ତିର ପ୍ରମୁଖ ଉତ୍ସ । କୋଇଲାକୁ କଳକାରଖାନାରେ, ତାପଜ ବିଦ୍ୟୁତ୍‌କେନ୍ଦ୍ରରେ ଓ ଘରୋଇ କ୍ଷେତ୍ରରେ ଜାଳେଣୀ ରୂପେ ବ୍ୟବହାର କରାଯାଏ । ଏହାକୁ ମଧ୍ୟ ରସାୟନ ତଥା ସାରକାରଖାନାରେ କଂଚାମାଲ ରୂପେ ବ୍ୟବହାର କରାଯାଏ ତଥା ଦୈନନ୍ଦିନ ବ୍ୟବହାରରେ ଲାଗୁଥିବା ହଜାର ହଜାର ପ୍ରକାର ଦ୍ରବ ମଧ୍ୟ କୋଇଲରୁ ଉତ୍ପାଦନ କରାଯାଏ ।

2005 ମସିହାର ଆକଳନ ଅନୁଯାୟୀ ଦେଶର ମୋଟ୍ ଗଚ୍ଛିତ କୋଇଲା ପରିମାଣ 2,47,847 ମିଲିୟନ୍ ଟନ୍ ଥିଲା । କିନ୍ତୁ ଦୁଃଖର ବିଷୟ ନିକୃଷ୍ଟ ଧରଣର କୋଇଲା ପରିମାଣ ଭାରତରେ ବେଶୀ । ଆବଶ୍ୟକ କୋକିଂ କୋଇଲାର କିଛି ପରିମାଣ ଆମକୁ ଆମଦାନୀ କରିବାକୁ ପଡ଼େ । କୋଇଲା ଖଣି ବା ଏହାର ନିକଟବର୍ତ୍ତୀ ଅଞ୍ଚଳରେ ତାପଜ ବିଦ୍ୟୁତ୍ ଓ ସୁପର ଥର୍ମାଲ୍ ପାୱାର୍ କେନ୍ଦ୍ର ସ୍ଥାପନ ପାଇଁ ପ୍ରଚେଷ୍ଟା ଚାଲୁରହିଛି ଏବଂ ଏହି କେନ୍ଦ୍ରରୁ ପ୍ରସ୍ତୁତ ବିଦ୍ୟୁତ୍ ଶକ୍ତି ଦୂର ଦୂରାନ୍ତର ସ୍ଥାନକୁ ବୈଦୁତିକ ତା'ର ଦ୍ୱାରା ପ୍ରେରଣ କରାଯାଉଛି । ଏକଦା 'ଭାରତୀୟ ରେଳ' କୋଇଲାର ସର୍ବାଧିକ ବ୍ୟବହାର କରୁଥିଲା । କିନ୍ତୁ ଆଜିକାଲି କୋଇଲା ବଦଳରେ ଡ଼ିଜେଲ୍ ଓ ବିଦ୍ୟୁତ୍ ଶକ୍ତି ବ୍ୟବହୃତ ହେଉଛି ।

**ସାରଣୀ 23.1 ଭାରତରେ କୋଇଲା ଉତ୍ପାଦନ (ଲିଗ୍‌ନାଇଟ୍ ସହିତ)**

| ବର୍ଷ | ଉତ୍ପାଦନ (ମିଲିୟନ୍ ଟନ୍‌ରେ) |
|---|---|
| 1950-51 | 32.8 |
| 1960-61 | 55.7 |
| 1970-71 | 96.3 |
| 1980-81 | 118.8 |
| 1990-91 | 225.7 |
| 2004-05 | 376.63 |



ଟିପ୍ପଣୀ

## ବିତରଣ

ଭାରତରେ ଦୁଇଟି ପ୍ରମୁଖ ଅଞ୍ଚଳରୁ କୋଇଲା ମିଳେ । ଯଥା :-

(i) ଗଣ୍ଡଓ୍ୱାନା କୋଲ୍‌ଫିଲଡ୍

(ii) ଟର୍ସିଆରି କୋଲ୍‌ଫିଲଡ୍

ଭାରତରେ ଉପଲବ୍ଧ ତଥା ଗଚ୍ଛିତ କୋଇଲାର ୨୪% ଗଣ୍ଡଓ୍ୱାନା କୋଲ୍‌ଫିଲ୍‌ଡ଼ରୁ ଓ ବାକି 2% ଟର୍ସିଆରି କୋଲ୍‌ଫିଲ୍‌ଡ଼ରୁ ମିଳିଥାଏ । ଗଣ୍ଡଓ୍ୱାନା କୋଲ୍‌ଫିଲଡ୍ ନିମ୍ନ ଗଣ୍ଡଓ୍ୱାନା କାଳରେ ସୃଷ୍ଟ ସ୍ତରୀଭୂତ ଶିଳା ସ୍ତରରେ ଉପଲବ୍ଧ । ମୁଖ୍ୟତଃ ଦାମୋଦର ନଦୀ ଉପତ୍ୟକା (ଝାଡ଼ଖଣ୍ଡ-ପଶ୍ଚିମବଙ୍ଗ) ସୋନ୍ ଉପତ୍ୟକା (ମଧ୍ୟପ୍ରଦେଶ-ଛତିଶଗଡ଼), ମହାନଦୀ ଉପତ୍ୟକା (ଓଡ଼ିଶା)ଗୋଦାବରୀ ଉପତ୍ୟକା (ଆନ୍ଧ୍ରପ୍ରଦେଶ) ଓ୍ୱାର୍ଦ୍ଧା (ମହାରାଷ୍ଟ୍ର)ରେ କୋଇଲା ଖଣିଗୁଡ଼ିକ ବିତରିତ ହୋଇଛି । ଆସାମ, ମେଘାଳୟ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ଜାମୁ ଓ କାଶ୍ମୀର ଏବଂ ସିକିମ୍ ଆଦି ରାଜ୍ୟରେ ଟର୍ସିଆରି କୋଲ୍‌ଫିଲ୍‌ଡ଼ ରହିଛି । ଏହାଛଡ଼ା ତାମିଲନାଡୁର ଉପକୂଳବର୍ତ୍ତୀ ଅଞ୍ଚଳ, ଗୁଜୁରାଟ ଓ ରାଜସ୍ଥାନରେ ଲିଗ୍‌ନାଇଟ୍ ମିଳେ ।

କୋଇଲା ଗଚ୍ଛିତ ଓ ଉତ୍ପାଦନରେ ଝାଡ଼ଖଣ୍ଡ ଭାରତରେ 1ମ ସ୍ଥାନ ଅଧିକାର କରିଛି । ଝାଡ଼ଖଣ୍ଡର ମୁଖ୍ୟ କୋଇଲା ଖଣିଗୁଡ଼ିକ ଧାନବାଦ୍, ହଜାରିବାଦ୍ ଓ ପାଲାମ୍ ଜିଲ୍ଲାରେ ଅବସ୍ଥିତ । ଝରିଆ ଓ ଚନ୍ଦ୍ରପୁରର ପ୍ରଧାନ କୋଇଲା ଖଣିଗୁଡ଼ିକ ଧାନବାଦ ଜିଲ୍ଲାରେ ଅବସ୍ଥିତ । ସର୍ବପୁରାତନ କୋଇଲା ଖଣି ରାଣୀଗଞ୍ଜ ପଶ୍ଚିମବଙ୍ଗରେ ଅବସ୍ଥିତ । ଏହା ଭାରତର ୨ୟ ବୃହତ୍ତମ କୋଇଲା ଖଣି । ଏହି ଖଣି ବର୍ଦ୍ଧମାନ ଓ ପୁରୁଲିଆ ଜିଲ୍ଲାରେ ବ୍ୟାପ୍ତ । ଛତିଶଗଡ଼ର ବିଳାସପୁର ଓ ସରଗୁଜ ଜିଲ୍ଲାରେ ମୁଖ୍ୟ କୋଇଲା ଖଣିଗୁଡ଼ିକ ରହିଛି । ମଧ୍ୟପ୍ରଦେଶର ସିଦ୍ଧି, ଶାହାଡ଼ୋଲ୍ ଓ ଛିନ୍ଦଓ୍ୱାରା ଜିଲ୍ଲାରେ ପ୍ରମୁଖ କୋଇଲା ଖଣିଗୁଡ଼ିକ ଅବସ୍ଥିତ । ଶାହାଡ଼ୋଲ୍ ଓ ସିଦ୍ଧି ଜିଲ୍ଲାରେ ଅବସ୍ଥିତ ସିଙ୍ଗୁଲି କୋଇଲା ଖଣି ଏହାର (ମଧ୍ୟପ୍ରଦେଶର) ବୃହତ୍ତମ କୋଇଲା ଖଣି । ଆନ୍ଧ୍ରପ୍ରଦେଶର ଆଦିଲାବାଦ୍, କରିମ୍‌ନଗର, ଓ୍ୱାରାଙ୍ଗଲ୍, ଖମ୍ମାମ୍ ଓ ପଶ୍ଚିମ ଗୋଦାବରୀ ଜିଲ୍ଲାରୁ କୋଇଲା ଉତ୍ତୋଳନ କରାଯାଏ । ତାଳଚେର ଠାରେ ଓଡ଼ିଶାର ମୁଖ୍ୟ କୋଇଲା ଖଣି ଅବସ୍ଥିତ । ତା'ଛଡ଼ା ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ କୋଇଲା ମିଳେ । ମହାରାଷ୍ଟ୍ରର ଚନ୍ଦ୍ରପୁର, ୟଓ୍ୱତ୍‌ମାଲ୍ ଓ ନାଗପୁର ଜିଲ୍ଲାରେ କୋଇଲା ଖଣି ରହିଛି ।
ଭାରତରେ ଗଚ୍ଛିତ ରହିଛି ।

ଭାରତରେ ଗଚ୍ଛିତ କୋଇଲା ପରିମାଣ ତୁଳନାରେ ଲିଗ୍‌ନାଇଟ୍‌ର ପରିମାଣ ସାଧାରଣ । ତାମିଲନାଡୁର ନେଭେଲିରେ ସର୍ବାଧିକ ଲିଗ୍‌ନାଇଟ୍ ମିଳେ । ଏହାଛଡ଼ା ରାଜସ୍ଥାନ, ଗୁଜୁରାଟ, ପୁଡୁଚେରୀ ଓ ଜାମୁ ଓ କାଶ୍ମୀରରେ ମଧ୍ୟ ପ୍ରଧାନ ଲିଗ୍‌ନାଇଟ୍ ଖଣି ରହିଛି ।

- ଦୈନନ୍ଦିନ ବ୍ୟବହାରିକ ପଦାର୍ଥ ଏବଂ ରସାୟନ ଓ ସାର ପ୍ରସ୍ତୁତିରେ କୋଇଲାକୁ କଞ୍ଚାମାଲ ରୂପେ ବ୍ୟବହାର କରାଯାଏ ।
- ଗଣ୍ଡଓ୍ୱାନା ଓ ଟର୍ସିଆରି କୋଲ୍‌ଫିଲ୍‌ଡ଼ରେ ମୁଖ୍ୟତଃ କୋଇଲା ମିଳେ ।
- ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେ ଏବଂ ଓଡ଼ିଶା କୋଇଲା ଉତ୍ପାଦନରେ ଅଗ୍ରଣୀ ରାଜ୍ୟ ।
- ତାମିଲନାଡୁ ନେଭେଲିଠାରେ ପ୍ରଚୁର ଲିଗ୍‌ନାଇଟ୍ ଖଣି ରହିଛି ।

## (ଖ) ପେଟ୍ରୋଲିୟମ୍

ଆଧୁନିକ ସଭ୍ୟତାରେ ପେଟ୍ରୋଲିୟମ୍‌ର ବହୁମୁଖୀ ଉପଯୋଗୀତା ହେତୁ ଏହାକୁ 'ତରଳସୁନା' କୁହାଯାଏ । ଆମର କୃଷି, ଶିଳ୍ପ ଓ ପରିବହନ ବ୍ୟବସ୍ଥା ବିଭିନ୍ନ ଉପାୟରେ ପେଟ୍ରୋଲିୟମ୍ ଉପରେ ନିର୍ଭର କରେ ।




Based upon Survey of India outline map printed in 1979.

The territorial waters of India extend into the sea to a distance of twelve nautical miles measured from the appropriate base line.

The boundary of Meghalaya shown on this map is as interpreted from the North-Eastern Areas (Reorganisation) Act. 1971, but has yet to be verified.

© Government of India copyright, 1979.

ମାନଚିତ୍ର 23.1 –ଭାରତର ପ୍ରମୁଖ କୋଇଲା ଖଣି



ଟିପ୍ପଣୀ

ଅଶୋଧିତ ପେଟ୍ରୋଲିୟମ୍ ଦହନଶୀଳ ହାଇଡ୍ରୋକାର୍ବନର ମିଶ୍ରଣ ଯାହା ଗ୍ୟାସୀୟ, ତରଳ ଓ କଠିନ ଅବସ୍ଥାରେ ଥାଏ । ପେଟ୍ରୋଲିୟମ୍ ଉତ୍ପାଦକୁ ଇନ୍ଧନ, ଲୁବ୍ରିକାଣ୍ଟ, ସିନ୍ଥେଟିକ୍ ଉତ୍ପାଦ, ରାସାୟନିକ ପଦାର୍ଥ ପ୍ରସ୍ତୁତି ପାଇଁ ଶିଳ୍ପରେ ବ୍ୟବହାର କରାଯାଏ । ପେଟ୍ରୋଲ, କିରୋସିନି, ଡ଼ିଜେଲ, ଡ଼ିଟରଜେଣ୍ଟ, ସିନ୍ଥେଟିକ୍ ତନ୍ତୁ, ପ୍ଲାଷ୍ଟିକ୍ ଓ କସ୍‌ମେଟିକସ୍ ଆଦି ପେଟ୍ରୋଲିୟମ୍‌ର ମୁଖ୍ୟ ଉତ୍ପାଦ ।

## ବିତରଣ

ପେଟ୍ରୋଲିୟମ୍ ଭୂ-ଗର୍ଭ ମଧ୍ୟରେ ଚ୍ୟୁତି ଓ ଭାଙ୍ଗ ମଧ୍ୟରେ ସଞ୍ଚିତ ଥାଏ । ଭାରତରେ ସ୍ତରୀଭୂତଶିଳା ମଧ୍ୟରେ ପେଟ୍ରୋଲିୟମ୍ ମିଳେ । ଅଧିକାଂଶ ଏହିଭଳି ଅଞ୍ଚଳ ଆସାମ, ଗୁଜୁରାଟ ଓ ପଶ୍ଚିମ ଉପକୂଳର ମହୀସୋପନ ଅଞ୍ଚଳରେ ଅବସ୍ଥିତ ।

ଆଜି ପର୍ଯ୍ୟନ୍ତ ଭାରତର ପେଟ୍ରୋଲିୟମ୍ ଉତ୍ପାଦନ ଆସାମ ବଳୟ, ଗୁଜୁରାଟ-କାମ୍ବେ ବଳୟ ଏବଂ ବମ୍ବେ ହାଇ ରୁ ହିଁ କରାଯାଏ । ଆସାମ ବଳୟର ଉତ୍ତର-ପୂର୍ବ ଆସାମର ଦେହାଙ୍ଗ୍‌ବେସିନ୍ ଠାରୁ ଭିତ୍ରା ଓ ସୁରମା ଉପତ୍ୟକାର ପୂର୍ବ ସୀମାରେ ଥିବା ପାର୍ବତ୍ୟ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ । ଗୁଜୁରାଟ-କାମ୍ବେ ବଳୟ ଉତ୍ତରରେ ଗୁଜୁରାଟର ମେହେସାନା ଠାରୁ ଦକ୍ଷିଣରେ ରତ୍ନଗିରି (ମହାରାଷ୍ଟ୍ର)ର ମହୀସୋପାନ ପର୍ଯ୍ୟନ୍ତ ବିସ୍ତୃତ । ଭାରତର ସର୍ବାଧିକ ପେଟ୍ରୋଲିୟମ୍ ଉତ୍ପାଦନ ହେଉଥିବା ବମ୍ବେ ହାଇ ଏହି ବଳୟରେ ଅବସ୍ଥିତ । ଆସାମର ଲକ୍ଷ୍ମୀପୁର ଓ ଶିବସାଗର ଜିଲ୍ଲାରେ ପେଟ୍ରୋଲିୟମ୍ ଉତ୍ପାଦନ କରାଯାଏ । ମୁଖ୍ୟତୈଳଗୁଡ଼ିକ ଦିଗ୍‌ବୋଇ, ନହରକାଟିଆ, ଶିବସାଗର ଏବଂ ରୁଦ୍ରସାଗର ଠାରେ ରହିଛି । ଗୁଜୁରାଟର ଭଦୋଦରା, ବ୍ରୋଚ୍, ଖେଡ଼ା, ମେହେସାନା ଓ ସୁରଟ ଜିଲ୍ଲାରେ ତୈଳ ଉତ୍ପାଦନ କରାଯାଏ । ଏବେ ଏବେ ରାଜସ୍ଥାନର ବିକାନୀର, ବାଡ଼ମେର୍ ଓ ଜୈସାଲ୍‌ମୀର ଆଦି ଜିଲ୍ଲାରେ ତୈଳଖଣି ଏବଂ ଗୋଦାବରୀ ନଦୀର ପୂର୍ବ ଉପକୂଳ ଓ କୃଷ୍ଣାନଦୀର ତ୍ରିକୋଣ ଭୂମି ଅଞ୍ଚଳରେ ପ୍ରାକୃତିକ ବାଷ୍ପର ସନ୍ଧାନ ମିଳିଛି ।

ପେଟ୍ରୋଲିୟମ୍ ଖଣିର ସମ୍ଭାବ୍ୟ ଅଞ୍ଚଳ ବଙ୍ଗୋପସାଗର କୂଳେ କୂଳେ ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ବିସ୍ତୃତ ।

- ଭାରତରେ ଏହା ସ୍ତରୀଭୂତ ଶିଳାସ୍ତର ମଧ୍ୟରେ ମିଳେ । ଆସାମ, ଗୁଜୁରାଟ ଓ ପଶ୍ଚିମ ଉପକୂଳର ମହୀସୋପାନ ଅଞ୍ଚଳରେ ଅଧିକାଂଶ ତୈଳ ଖଣି ଅବସ୍ଥିତ ।
- ପେଟ୍ରୋଲ୍, କିରୋସିନ୍, ଡ଼ିଜେଲ୍, ଡ଼ିଟରଜେଣ୍ଟ, ସିନ୍ଥେଟିକ୍ ତନ୍ତୁ, ପ୍ଲାଷ୍ଟିକ୍ ଓ କସ୍‌ମେଟିକ୍‌ସ ଆଦି ପେଟ୍ରୋଲିୟମ୍‌ର ମୁଖ୍ୟ ଉତ୍ପାଦ ।
- ପେଟ୍ରୋଲିୟମ୍ ଉତ୍ପାଦ ଗୁଡ଼ିକ ଇନ୍ଧନ ଓ ଶିଳ୍ପୋଦ୍ୟୋଗରେ ରାସାୟନିକ ତଥା କୃତ୍ରିମ ପଦାର୍ଥ ପ୍ରସ୍ତୁତି ପାଇଁ ତୈଳାକ୍ତ ପଦାର୍ଥ ରୂପେ ବ୍ୟବହାର କରାଯାଏ ।




Based upon Survey of India outline map printed in 1979.

The territorial waters of India extend into the sea to a distance of twelve nautical miles measured from the appropriate base line.

The boundary of Meghalaya shown on this map is as interpreted from the North-Eastern Areas (Reorganisation) Act. 1971, but has yet to be verified.

© Government of India copyright, 1979

ମାନଚିତ୍ର ଚିତ୍ର ନଂ 23.2 : ପେଟ୍ରୋଲିୟମ୍ ଉତ୍ପାଦନ




Based upon Survey of India outline map printed in 1979.

The territorial waters of India extend into the sea to a distance of twelve nautical miles measured from the appropriate base line.

The boundary of Meghalaya shown on this map is as interpreted from the North-Eastern Areas (Reorganisation) Act, 1971, but has yet to be verified.

© Government of India copyright, 1979

*ଚିତ୍ର ନଂ 23.3 : ପେଟ୍ରୋଲିୟମ୍ ସମ୍ଭାବ୍ୟ ଅଞ୍ଚଳ*





**ସାରଣୀ 23.2 ଭାରତରେ ଅଶୋଧିତ ପେଟ୍ରୋଲିୟମ୍ ଉତ୍ପାଦନ**

| ବର୍ଷ | ଉତ୍ପାଦନ (ମିଲିୟନ୍ ଟନ୍‌ରେ) |
|---|---|
| 1960-61 | 0.5 |
| 1970-71 | 6.8 |
| 1980-81 | 10.5 |
| 1990-91 | 33.0 |
| 2000-01 | 32.4 |
| 2005-06 | 32.2 |
| 2004-05 | 376.63 |

## ଭାରତର ତୈଳ ବିଶୋଧନାଗାର

ଖଣିରୁ ଉତ୍ତୋଳିତ ହୋଇଥିବା ଅଶୋଧିତ ତୈଳକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଶୋଧନ କରିବାକୁ ପଡ଼େ । ପେଟ୍ରୋଲିୟମ୍ ବିଶୋଧନ ରାସାୟନିକ ଇଞ୍ଜିନିୟରିଂ ଉଦ୍ୟୋଗରେ ଜଟିଳ ପ୍ରକ୍ରିୟାରେ କରାଯାଏ । ଭାରତରେ ବର୍ତ୍ତମାନ 17ଟି ସରକାରୀ ତୈଳ ବିଶୋଧନାଗାର ଓ ଗୋଟିଏ ବ୍ୟକ୍ତିଗତ (ରିଲାଏନ୍ସ୍ ଇଣ୍ଡିଷ୍ଟ୍ରୀର) ବିଶୋଧନାଗାର ରହିଛି । ଏହି ବିଶୋଧନାଗାରଗୁଡ଼ିକ ଡିଗ୍‌ବୋଇ, ବୋଙ୍ଗାଇଗାଁ, ନୂନାମାଟି (ଆସାମ), ମୁମ୍ବାଇ (2ଟି) ମହାରାଷ୍ଟ୍ର, ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ), ବାରାଭଣୀ (ବିହାର), କୋୟାଲି (ଗୁଜୁରାଟ), ମଥୁରା (ଉତ୍ତର ପ୍ରଦେଶ), ପାନିପଥ (ହରିୟାନା), କୋଚି (କେରଳ), ମାଙ୍ଗାଲୋର (କର୍ଣ୍ଣାଟକ), ଚେନ୍ନାଇ (ତାମିଲନାଡୁ) ଠାରେ ଅବସ୍ଥିତ । ଦେଶର ଏକମାତ୍ର ବ୍ୟକ୍ତିଗତ ତୈଳ ବିଶୋଧନାଗାର (ରିଲାୟନ୍ସ୍ ଇଣ୍ଡଷ୍ଟ୍ରୀର) ଗୁଜୁରାଟର ଜାମନଗର ଠାରେ ଅବସ୍ଥିତ । ଜାହାଜ ଦ୍ୱାରା ବା ପାଇପ୍‌ଲାଇନ୍ ଦ୍ୱାରା ଅଶୋଧିତ ତୈଳ ବିଶୋଧନାଗାର ଗୁଡ଼ିକ ଯୋଗାଇ ଦିଆଯାଏ । ଉତ୍ପାଦନରେ କ୍ରମାଗତ ବୃଦ୍ଧି ହେଉଥିଲେ ମଧ୍ୟ, ଆବଶ୍ୟକତା ପୂରଣ ପାଇଁ ଖଣିଜ ତୈଳ ଆମଦାନୀ କରିବାକୁ ପଡ଼େ ।

- ବର୍ତ୍ତମାନ ଦେଶରେ 17 ଟି ସରକାରୀ ଓ 1ଟି ବେସରକାରୀ ତୈଳ ବିଶୋଧନାଗାର ରହିଛି ।
- ଯଦିଓ ପେଟ୍ରୋଲିୟମ୍‌ର ବାର୍ଷିକ ଉତ୍ପଦାନରେ ବୃଦ୍ଧି ଘଟୁଛି । ତଥାପି ପେଟ୍ରୋଲିୟମ୍‌ର ଓ ପେଟ୍ରୋଲିୟମ୍ ଉତ୍ପାଦ ଆବଶ୍ୟକତା ପୂରଣ ପାଇଁ ଆମଦେଶକୁ ପେଟ୍ରୋଲିୟମ୍‌ର ଆମଦାନୀ କରିବାକୁ ପଡ଼େ ।

## (ଗ) ପ୍ରାକୃତିକ ବାଷ୍ପ

ପ୍ରାକୃତିକ ବାଷ୍ପ ବାଣିଜ୍ୟିକ ଶକ୍ତିର ଏକ ପ୍ରମୁଖ ଉତ୍ସ ଭାବେ ପରିଗଣିତ । ଅଧିକାଂଶ ସମୟରେ ଏହା ପେଟ୍ରୋଲିୟମ୍ ସହ ଉପଲବ୍ଧ ହୁଏ । 2001ମସିହା ଏପ୍ରିଲ୍ 1ତାରିଖ ସୁଦ୍ଧା ପ୍ରାକୃତିକ ବାଷ୍ପର ପ୍ରତିଲଭ୍ୟ ଖଣିରେ ପରିମାଣ ପ୍ରାୟ 63୪ ବିଲିୟନ୍ ଘନମିଟର । ପୂର୍ବ ଉପକୂଳରେ କୃଷ୍ଣା, ଗୋଦାବରୀ ଓ ମହାନଦୀ ଅବବାହିକାରେ ଅଧିକରୁ ଅଧିକ ଖଣି ଆବିଷ୍କୃତ ହେଲେ ଏହି ପରିମାଣ ନିଶ୍ଚିତ ବୃଦ୍ଧିପାଇବ । 2003-04 ମସିହାରେ 31 ବିଲିୟନ୍ ଘନମିଟର



ଟିପ୍ପଣୀ

ପ୍ରାକୃତିକ ବାଷ୍ପ ଉତ୍ପାଦନ ହୋଇଥିଲା । ଏହି ବାଷ୍ପର ବିପଣନ, ବିତରଣ, ପରିବହନ ଓ ସଂସାଧନ ଲକ୍ଷ୍ୟରେ 1984 ମସିହାରେ ପ୍ରାକୃତିକ ଗ୍ୟାସ୍ ପ୍ରାଧୀକରଣ (Gas Authority of India) ପ୍ରତିଷ୍ଠିତ ହୋଇଥିଲା । ପ୍ରାଧିକରଣର ଅଧିକାର ଓ ସଂଚାଳନ ଭିତରେ 5340 କି.ମି ଲମ୍ବ ବିଶିଷ୍ଟ ପାଇପ୍ ଲାଇନ୍ ଦେଶରେ ବ୍ୟାପି ରହିଛି ।

### (ଘ) ଆଣବିକ ଖଣିଜ

ୟୁରାନିୟମ୍, ଥୋରିୟମ୍ ଓ ରେଡ଼ିୟମ୍ ଆଦି ଧାତୁକୁ ଆଣବିକ ଧାତୁ କୁହାଯାଏ । କାରଣ ଏହି ଧାତୁମାନଙ୍କର ପରମାଣୁର ବିଖଣ୍ଡନ/ବିଭାଜନ କିମ୍ବା ବିସ୍ଫୋରଣ ଫଳରେ ଆଣବିକ ଶକ୍ତି ସୃଷ୍ଟିହୁଏ । ଗଚ୍ଛିତ ମୋନାଜାଇଟ୍ ଦୃଷ୍ଟିରୁ ଭାରତ ପୃଥିବୀରେ ପ୍ରଥମ । ମୋନାଜାଇଟ୍‌ରୁ ଥୋରିୟମ୍ ସଂଗ୍ରହ କରାଯାଏ । ଭାରତରେ ୟୁରାନିୟମ୍ ଖଣି ମଧ୍ୟ ଦେଖାଯାଏ ।

### ୟୁରାନିୟମ୍

ବର୍ତ୍ତମାନ ୟୁରାନିୟମ୍ ଉତ୍ପାଦନ କେବଳ ଝାଡ଼ଖଣ୍ଡର ସିଂହଭୂମ ଜିଲ୍ଲା ଅନ୍ତର୍ଗତ ଯାଦୁଗୋଡ଼ାଠାରେ ହିଁ ସୀମିତ । ଆମଦେଶରେ ଯେତିକି ୟୁରାନିୟମ୍ ଗଚ୍ଛିତ ଅଛି । ସେଥିରୁ 5,000-10,000 ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇପାରିବ ।

ଆମ ଦେଶରେ ୟୁରାନିୟମ୍ ଆଗ୍ନେୟ ଓ ରୂପାନ୍ତରୀତଶିଳା ସହ ମିଶ୍ରିତ ଭାବେ ଉପଲବ୍ଧ । ଝାଡ଼ଖଣଡ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ହିମାଳୟର କିଛି ଅଂଶରେ ଏହା ମିଳେ । କେରଳ ଉପକୂଳରେ ମିଳୁଥିବା ମୋନାଜାଇଟ୍ ବାଲି ମିଳେ ଏବଂ ଏଥିରୁ ୟୁରାନିୟମ୍ ସଂଗ୍ରହମ କରାଯାଏ ।

### ଥୋରିୟମ୍

ଥୋରିୟମ୍ ମୁଖ୍ୟତଃ ମୋନାଜାଇଟ୍‌ରୁ ଉପଲବ୍ଧ ହୁଏ । କେରଳର ପାଲଘାଟ୍ ଓ କ୍ୱିଲୋନ୍ ଜିଲ୍ଲାରେ ମିଳୁଥିବା ବାଲିରେ ପୃଥିବୀର ସର୍ବାଧିକ ମୋନାଜାଇଟ୍ ଗଚ୍ଛିତ ଅଛି । ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପକୂଳର ବାଲିରୁ ମଧ୍ୟ ମୋନାଜାଇଟ୍ ମିଳେ ।

- ଝାଡ଼ଖଣ୍ଡର ସିଂହଭୂମି ଜିଲ୍ଲା ଅନ୍ତର୍ଗତ ଯାଦୁଗୋଡ଼ା ଠାରୁ ହିଁ ବର୍ତ୍ତମାନ ୟୁରାନିୟମ୍ ଉତ୍ପାଦନ କରାଯାଉଛି ।
- ଥୋରିୟମ୍‌ର ମୂଳ ଉତ୍ସ ମୋନାଜାଇଟ୍‌ର ଗଚ୍ଛିତ ପରିମାଣ ଦୃଷ୍ଟିରୁ ଭାରତ ପୃଥିବୀରେ ପ୍ରଥମ ।
- ପୃଥିବୀରେ ସର୍ବାଧିକ ମୋନାନାଇଟ୍ କେରଳର ପାଲ୍‌ଘାଟ୍ ଓ କ୍ୱିଲୋନ୍ ଜିଲ୍ଲାର ଉପକୂଳବର୍ତ୍ତୀ ବାଲୁକାରେ ଗଚ୍ଛିତ ଅଛି ।
- ଝାଡ଼ଖଣ୍ଡ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ହିମାଳୟର କିଛି ଅଂଚଳର ଆଗ୍ନେୟ ଓ ରୂପାନ୍ତରୀତ ଶିଳାରେ ୟୁରାନିୟମ୍ ଦେଖାଯାଏ ।

## ପାଠ୍ୟଗତ ପ୍ରଶ୍ନ ୨୩.୧

1. ନିମ୍ନଲିଖିତ ଉତ୍ତର ଗୁଡ଼ିକ ମଧ୍ୟରୁ ସଠିକ୍ ଉତ୍ତରଟି ବାଛି ଟିକ୍ (✓) ଚିହ୍ନ ମାର ।

(a) ଅର୍ଥନୈତିକ ମୂଲ୍ୟ ଦୃଷ୍ଟିରୁ କେଉଁ ଧାତୁଟି ପ୍ରଥମ ?

(i) କୋଇଲା (ii) ପେଟ୍ରୋଲିୟମ୍ (iii) ଲୁହାପଥର (iv) ସୁନା





(b) ଭାରତର ତିନୋଟିଯାକ ସୁନାଖଣି କେଉଁ ଅଞ୍ଚଳରେ ଅବସ୍ଥିତ ?

(i) ଉତ୍ତର-ପୂର୍ବ ମାଳଭୂମି (ii) ଦକ୍ଷିଣ-ପଶ୍ଚିମ ମାଳଭୂମି

(iv) ଉତ୍ତର-ପୂର୍ବ ଅଞ୍ଚଳ (iv) ଉତ୍ତର-ପଶ୍ଚିମ ଅଞ୍ଚଳ

(c) କେଉଁଠାରେ ତୈଳ ବିଶୋଧନ କରାଯାଏ ?

(i) କାନପୁର (ii) ବାରାଣସୀ (iii) କାଣ୍ଡଲା (iv) ମସ୍‌ଲିପଟ୍ଟନମ୍

(d) ଭାରତର ମୁଖ୍ୟ ତୈଳଖଣି କେଉଁଠାରେ ଅବସ୍ଥିତ ?

(i) ଆସାମଗ ଓ ଗୁଜୁରାଟ (ii) ଆନ୍ଧ୍ରପ୍ରଦେଶ ଓ ରାଜସ୍ଥାନ

(iii) ମଧ୍ୟପ୍ରଦେଶ ଓ ଆସାମ (iv) ଗୁଜୁରାଟ ଓ ବିହାର

(e) ଭାରତରେ ଗଚ୍ଛିତ ମୋଟ୍ କୋଇଲାର ୫0% କେଉଁଠାରେ ଅଛି ?

(i) ଗୋଦାବରୀ ଉପତ୍ୟକା (ii) ୱାର୍ଦ୍ଧା ଉପତ୍ୟକା

(iii) ଦାମୋଦର ଉପତ୍ୟକା (iv) ମହାନଦୀ ଉପତ୍ୟକା

(f) କେଉଁ ରାଜ୍ୟରେ ଟର୍ସିଆରିକୋଇଲା ମିଳେ ?

(i) କେରଳ (ii) ଜାମ୍ମୁ ଓ କାଶ୍ମୀର

(iii) ବିହାର (iv) ଉତ୍ତର ପ୍ରଦେଶ

(g) କେଉଁଟି ସର୍ବବୃହତ୍ କୋଇଲା ଖଣି ?

(i) ରାଣୀଗଞ୍ଜ (ii) ଝରିଆ

(iii) ବୈଲାଡ଼ିଲା (iv) ତାଳଚେର

(j) କେଉଁ ଅବବାହିକାରେ ଏବେ ଏବେ ତୈଳଖଣି ଆବିଷ୍କୃତ ହୋଇଛି ?

(i) ନର୍ମଦା ଓ ତାପୀ (ii) ଗଙ୍ଗା ଓ ବ୍ରହ୍ମପୁତ୍ର

(iii) କୃଷ୍ଣା ଓ ଗୋଦାବରୀ (iv) ଦାମୋଦର ଓ ସୁବର୍ଣ୍ଣରେଖା

## 23.4 କେତେକ ପ୍ରମୁଖ ଖଣିଜ ବିତରଣ

ଭାରତରେ ଖଣିଜ ପଦାର୍ଥର ବିତରଣରେ ବହୁତ ଅସମାନତା ଦେଖାଯାଏ । ଅଧିକାଂଶ ଖଣିଜ ଡ଼େକାନ ଓ ଛୋଟନାଗପୁର ମାଳଭୂମିର ପୁରାତନ ସ୍ଫଟିକଯୁକ୍ତ ଶିଳାରେ ଦେଖାଯାଏ । ଆଉ କିଛି ଖଣିଜ ହିମାଳୟ ପାର୍ବତ୍ୟାଞ୍ଚଳରେ ଦେଖାଯାଉଥିଲେ ମଧ୍ୟ ସେଗୁଡ଼ିକର ଉତ୍ତୋଳନ ସହଜସାଧ୍ୟ ନୁହେଁ ।

ଖଣିଜ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ଯଥା :

(i) ଧାତବୀୟ ଖଣିଜ (ii) ଅଧାତୁ ଖଣିଜ

ଧାତବୀୟ ଖଣିଜ ମଧ୍ୟ ଦୁଇପ୍ରକାର ଯଥା :-

(i) ଲୌହ ମିଶ୍ରିତ ଧାତବୀୟ ଖଣିଜ (ii) ଲୌହ ବିହୀନ ଧାତବୀୟ ଖଣିଜ

### (i) ଲୌହମିଶ୍ରିତ ଖଣିଜ

ଲୌହ ଏକ ମୁଖ୍ୟ ଉପାଦାନ ଭାବରେ ଥିବା ଖଣିଜକୁ ଲୌହମିଶ୍ରିତ ଖଣିଜ କୁହାଯାଏ ।





ଦେଶରେ ମୋଟ୍ ଉତ୍ପାଦିତ ଖଣିଜର ତିନି-ଚତୁର୍ଥାଂଶ କେବଳ ଲୌହମିଶ୍ରିତ ଖଣିଜ । ଇନ୍ଧନ ଖଣିଜ ପରେ ଏହା ୨ୟ ପ୍ରମୁଖ ଖଣିଜ । ଲୁହା, ମାଙ୍ଗାନିଜ୍, କ୍ରୋମାଇଟ୍ ଓ ପାଇରାଇଟ୍ ଆଦି ଏହି ଧରଣର ଖଣିଜ । ଲୌହ, ଇସ୍ପାତ ଓ ମିଶ୍ର ଧାତୁ ଶିଳ୍ପ ପରି ମୁଖ୍ୟ ଧାତବ ଶିଳ୍ପର ମୂଳଦୁଆ ଏହି ପ୍ରକାର ଖଣିଜ ଉପରେ ନିର୍ଭର କରେ ।

### (i) ଲୁହାପଥର

ଉତ୍ତମ ଗୁଣବତ୍ତା ବିଶିଷ୍ଟ ଲୁହାପଥର ପାଇଁ ପୃଥିବୀରେ ଭାରତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସମଗ୍ର ପୃଥିବୀର 20% ଲୁହାପଥର କେବଳ ଭାରତରେ ଗଚ୍ଛିତ ଅଛି । ଭାରତୀୟ ଲୁହାପଥରରେ ୬୦%ରୁ ଅଧିକ ଲୌହାଂଶ ରହିଛି ।

ଭାରତରେ ମୁଖ୍ୟତଃ ତିନିପ୍ରକାର ଲୁହାପଥର ମିଳେ । ଯଥା:- ହେମାଟାଇଟ୍ ଲୁହାପଥରରେ ସର୍ବାଧିକ ୬୪% ଲୌହ ଥାଏ । ଏହାର ରଙ୍ଗ ଲାଲ୍ । ତେଣୁ ଏହାକୁ ଲୌହ ପିଣ୍ଡ (Red Ore) କୁହାଯାଏ । ମ୍ୟାଗ୍ନେଟାଇଟ୍‌ରେ 60% ପର୍ଯ୍ୟନ୍ତ ଲୌହାଂଶ ଥାଏ । ଏହାର ରଙ୍ଗ ଗାଢ଼ ଧୂସର କିମ୍ବା କଳା ଏହାକୁ ‘କୃଷ୍ଣ ପିଣ୍ଡ’ (Black Ore) କୁହାଯାଏ । ସବୁଠାରୁ ନିକୃଷ୍ଟ ଧରଣର ଲୁହାପଥର ହେଉଛି ଲିମୋନାଇଟ୍ । ଏଥିରେ 35-30% ଲୌହାଂଶ ଥାଏ । ଲିମୋନାଇଟ୍ ପୀତରଙ୍ଗ ବିଶିଷ୍ଟ । ଭାରତରେ ପ୍ରଚୁର ପରିମାଣରେ ହେମାଟାଇଟ୍ ଓ ମ୍ୟାଗ୍ନେଟାଇଟ୍ ଉପଲବ୍ଧ ହେବାରୁ ଲିମୋନାଇଟ୍‌କୁ ପ୍ରାୟତଃ ଉତ୍ତୋଳନ କରାଯାଏ ନାହିଁ ।

ଦେଶରେ ମୋଟ୍ ଗଚ୍ଛିତ ଲୁହାପଥର ପରିମାଣ 12,857 ମିଲିୟନ୍ ଟନ୍ ବୋଲି ଆକଳନ କରାଯାଇଛି । ସେଥିରୁ 12,317 ମିଲିୟନ୍ ଟନ୍ ହେମାଟାଇଟ୍ ଓ ବଳକା 540 ମିଲିୟନ୍ ମ୍ୟାଗ୍ନେଟାଇଟ୍ ଓର । ପୃଥିବୀରେ ମୋଟ୍ ଗଚ୍ଛିତ ପରିମାଣର ଏହା ଏକ-ଚତୁର୍ଥାଂଶ ବୋଲି ଆକଳନ କରାଯାଇଛି ।

**ସାରଣୀ 23.3 ଭାରତରେ ଲୁହାପଥର ଉତ୍ପାଦନ**

| ବର୍ଷ | ଉତ୍ପାଦନ (ମିଲିୟନ୍ ଟନ୍‌ରେ) |
|---|---|
| 1950-51 | 3.0 |
| 1960-61 | 11.0 |
| 1970-71 | 32.5 |
| 1980-81 | 42.2 |
| 1990-91 | 53.7 |
| 2004-05 | 140.46 |

### ବିତରଣ :

ଭାରତର ପ୍ରତ୍ୟେକ ରାଜ୍ୟରେ ଲୁହାପଥର ଗଚ୍ଛିତ ଅଛି । ଦେଶର ମୋଟ୍ ଗଚ୍ଛିତ ପରିମାଣର ୨6% ଲୁହାପଥର ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, କର୍ଣ୍ଣାଟକ ଓ ଗୋଆରେ ରହିଛି । ଦେଶର ମୋଟ୍ ଉତ୍ପାଦନର



ଟିପ୍ପଣୀ

୨୧% ଉତ୍ପାଦନ ଏହି ରାଜ୍ୟରୁ ହିଁ ହୋଇଥାଏ । ଦେଶର ମୋଟ୍ ଉତ୍ପାଦନର ୩ ପ୍ରତିଶତ କେବଳ ତାମିଲନାଡ୍ରୁ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶରୁ ହୋଇଥାଏ ।

ଭାରତରେ ମୋଟ୍ ଗଚ୍ଛିତ ଥିବା ଉତ୍କୃଷ୍ଟ ଧରଣ ଲୁହାପଥରର 50% ଅଂଶ ଓଡ଼ିଶା ଓ ଝାଡ଼ଖଣ୍ଡରେ ରହିଅଛି । ଓଡ଼ିଶାର ସୁନ୍ଦରଗଡ଼, କେଉଁଝର ଓ ମୟୂରଭଞ୍ଜ ଏବଂ ଝାଡ଼ଖଣ୍ଡର ସିଂହଭୂମି ଜିଲ୍ଲାରେ ମୁଖ୍ୟ ଲୁହାପଥର ଖଣି ରହିଛି । ଦେଶର ମୋଟ୍ ଗଚ୍ଛିତ ପରିମାଣର 25% ଓ ଉତ୍ପାଦନର 20-25% ଅଂଶ ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ମିଳେ । ଲୁହାପଥର ଖଣିଗୁଡ଼ିକ ମୁଖ୍ୟତଃ ବୈଲାଡ଼ିଲା ରେଞ୍ଜ, ଆରିଡ଼ୋଙ୍ଗ୍ରି ନିକଟବର୍ତ୍ତୀ ରାଓଘାଟ ଅଞ୍ଚଳ ଏବଂ ଦୁର୍ଗ ଜିଲ୍ଲାର ଧାଲି-ରାଜହରା ରେଞ୍ଜରେ ଦେଖାଯାଏ ।




ଚିତ୍ର : ୨୩.୪ ଭାରତ: ଲୁହାପଥର ବିତରଣ



ଟିପ୍ପଣୀ

ଗୋଆରେ ନିକୃଷ୍ଟ ଧରଣର ଲୁହାପଥର ମିଳିଲେ ମଧ୍ୟ ଦେଶର ମୋଟ୍ ଉତ୍ପାଦନରେ ଏହା ମହତ୍ତ୍ୱପୂର୍ଣ୍ଣ ଅଟେ । ଅଧିକାଂଶ ଖୋଲାଖଣି ଓ ମେସିନ୍ ସାହାଯ୍ୟରେ ଖଣିଜ ଉତ୍ତୋଳନ କରାଯାଏ । ଗୋଆରୁ ଉତ୍ପାଦିତ ପ୍ରାୟ ସବୁ ଲୁହାପଥର ମର୍ମାଗୋଆ ବନ୍ଦର ଦେଇ ଜାପାନକୁ ରପ୍ତାନୀ କରାଯାଏ । ଚିତ୍ରଦୁର୍ଗ ଓ ସିମୋଗା ଜିଲ୍ଲା, ବେଲାରୀ ଜିଲ୍ଲାର ସନ୍ଦୁର-ହସ୍‌ପେଟ୍ ଅଂଚଳ, ଚିକ୍‌ମାଗାଲୁର୍ ଜିଲ୍ଲାର ବାବାଉଦାନ୍ ପାହାଡ଼ରେ କର୍ଣ୍ଣାଟକର ମୁଖ୍ୟ ଲୁହାପଥର ଖଣି ଦେଖାଯାଏ ।

ଆନ୍ଧ୍ରପ୍ରଦେଶର ଅନନ୍ତପୁର, ଖମାମ୍, କୃଷ୍ଣା, କୁର୍ଣ୍ଣୁଲ୍, କୁଡ୍ଡାପା ଏବଂ ନେଲୋର ଜିଲ୍ଲାରେ ଲୁହାଖଣି ବିକ୍ଷିପ୍ତ ଭାବେ ରହିଛି । ତାମିଲନାଡୁ, ମହାରାଷ୍ଟ୍ର ଓ ରାଜସ୍ଥାନରେ ମଧ୍ୟ କିଛି ଲୁହାଖଣି ରହିଛି ।

ବିଶ୍ୱ ବାଣିଜ୍ୟରେ ଭାରତର ଅଂଶ 7% ରୁ ୫% । ବର୍ତ୍ତମାନ ରପ୍ତାପୀ ଉଦ୍ଦେଶ୍ୟରେ ବହୁଳ ଭାବେ ଖଣି ଖନନ ଚାଲିଛି । ଉଦାହରଣ ସ୍ୱରୂପ ଛତିଶଗଡ଼ର ରାଜହରା ଓ ବୈଲାଡ଼ିଲା ଖଣି ଓ ଓଡ଼ିଶାର କିରିବୁରୁ ଖଣିରେ ରପ୍ତାନୀ ଉଦ୍ଦେଶ୍ୟରେ ଖଣିଜ ଉତ୍ତୋଳନ ଚାଲିଛି । ଜାପାନ, ରୋମାନିଆ ପୂର୍ବତନ 'ଚେକୋସ୍ଲୋଭାକିଆ' ଓ ପୋଲାଣ୍ଡ ଆଦି ଲୁହାପଥର ଆମଦାନୀକାରୀ ମୁଖ୍ୟ ଦେଶ । ଆମ ଦେଶର ହଳଦିଆ, ପାରାଦୀପ, ମର୍ମାଗୋଆ, ମାଙ୍ଗାଲୋର୍ ଓ ବିଶାଖାପାଟଣା ବନ୍ଦର ଦେଇ ଲୁହାପଥର ବିଦେଶକୁ ରପ୍ତାନୀ କରାଯାଏ ।

- ◆ ପୃଥିବୀର ମୋଟ୍ ଗଚ୍ଛିତ ପରିମାଣର ୨୦% ଲୁହାପଥର ଭାରତରେ ହିଁ ଅଛି ।
- ◆ ଆମ ଦେଶର ପ୍ରତ୍ୟେକ ରାଜ୍ୟରେ ଲୁହାପଥର ଖଣି ଅଛି । ମାତ୍ର ଦେଶର ମୋଟ୍ ଗଚ୍ଛିତ ପରିମାଣର ୨୬% ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, କର୍ଣ୍ଣାଟକ ଓ ଗୋଆରୁ ମିଳିଥାଏ ।
- ◆ ଛତିଶଗଡ଼ର ବୈଲାଡ଼ିଲା ଓ ରାଜହରା ଖଣି ଏବଂ ଓଡ଼ିଶର କିରିବୁରୁ ଖଣିରେ ରପ୍ତାନୀ ଉଦ୍ଦେଶ୍ୟରେ ହିଁ ଖଣି ଖନନ ଚାଲିଛି ।

## (ii) ମାଙ୍ଗାନିଜ୍

ମାଙ୍ଗାନିଜ୍ ଉତ୍ପାଦନରେ (ରୁଷ୍ 1ମ, ଦକ୍ଷିଣ ଆଫ୍ରିକା 2ୟ) ଭାରତର ସ୍ଥାନ ପୃଥିବୀରେ ତୃତୀୟ । ଭାରତରେ ମୋଟ୍ ଉତ୍ପାଦନର ଏକ-ଚତୁର୍ଥାଂଶ ବିଦେଶକୁ ରପ୍ତାନୀ କରାଯାଏ ।
ଲୌହ ଇସ୍ପାତ ପ୍ରସ୍ତୁତିରେ ମାଙ୍ଗାନିଜ୍ ବ୍ୟବହାର କରାଯାଏ । ଏହାଛଡ଼ା ଶୁଷ୍କ ବ୍ୟାଟେରୀ, ଫଟୋଗ୍ରାଫି, ଚମଡ଼ା ଶିଳ୍ପ ଓ ଦିଆସିଲି କାରଖାନାରେ ମାଙ୍ଗାନିଜ ବ୍ୟବହୃତ ହୁଏ । ଦେଶର ବ୍ୟବହୃତ ମାଙ୍ଗାନିଜର ୫5% କେବଳ ଧାତବ ଶିଳ୍ପରେ ବିନିଯୋଗ ହୁଏ ।

## ବିତରଣ

ଓଡ଼ିଶା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ଆଦି ମୁଖ୍ୟ ମାଙ୍ଗାନିଜ୍ ଉତ୍ପାଦନକାରୀ ରାଜ୍ୟ । ମହାରାଷ୍ଟ୍ରର ନାଗପୁର ଓ ଭଣ୍ଡାରା ଠାରୁ ମଧ୍ୟପ୍ରଦେଶର ବାଲାଘାଟ ଓ ଛିନ୍ଦୱାରା ଜିଲ୍ଲାରେ ପରିବ୍ୟାପ୍ତ ଏକ ଖଣିଜ ବଳୟରେ ଦେଶର ମୋଟ୍ ଗଚ୍ଛିତ ମାଙ୍ଗାନିଜ୍‌ର 7୫% ଗଚ୍ଛିତ ଅଛି । କିନ୍ତୁ ଏ ଦୁଇଟି ରାଜ୍ୟର ଦେଶର ମୋଟ୍ ମାଙ୍ଗାନିଜ୍ ଉତ୍ପାଦନରେ ଯଥାକ୍ରମେ 12% ଓ 14% ଯୋଗଦାନ ରହିଛି । ଅବଶିଷ୍ଟ 22% ଓଡ଼ିଶା, କର୍ଣ୍ଣାଟକ, ଗୁଜୁରାଟ, ରାଜସ୍ଥାନ, ଗୋଆ ଓ ଆନ୍ଧ୍ରପ୍ରଦେଶରେ ଗଚ୍ଛିତ ଅଛି । ମାଙ୍ଗାନିଜ୍ ଉତ୍ପାଦନରେ ଓଡ଼ିଶାର ସ୍ଥାନ ଭାରତରେ ପ୍ରଥମ । ଦେଶର ମୋଟ୍ ଉତ୍ପାଦନର 37% ମାଙ୍ଗାନିଜ୍




ଚିତ୍ର : ୨୩.୫ ଭାରତ: ମାଙ୍ଗାନିଜ୍ ପଥରର ବିତରଣ

କେବଳ ଓଡ଼ିଶାରୁ ଉତ୍ପାଦିତ ହୁଏ । ଦେଶର ଗଚ୍ଛିତ ଥିବା ମାଙ୍ଗାନିଜ୍‌ର 12% ମାଙ୍ଗାନିଜ୍ ଓଡ଼ିଶାରେ ରହିଛି । ଓଡ଼ିଶାର ସୁନ୍ଦରଗଡ଼, ରାୟଗଡ଼ା, ବଲାଙ୍ଗୀର, କେଉଁଝର, ଯାଜପୁର ଏବଂ ମୟୂରଭଞ୍ଜ ଇତ୍ୟାଦି ଜିଲ୍ଲାରୁ ମୁଖ୍ୟତଃ ମାଙ୍ଗାନିଜ୍ ଉତ୍ତୋଳନ କରାଯାଏ ।

କର୍ଣ୍ଣାଟକ ଶିମୋଗା, ଚିତ୍ରଦୁର୍ଗ, ତୁମ୍‌କୁର ଓ ବେଲାରୀ ଆଦି ଜିଲ୍ଲାରେ ମୁଖ୍ୟ ମାଙ୍ଗାନିଜ୍ ଖଣି ରହିଛି । ତା'ଛଡ଼ା ବିଜାପୁର, ଚିକ୍‌ମାଗାଲୁର ଓ ଧରୱାର ଆଦି ଜିଲ୍ଲାରେ ଅଳ୍ପ ପରିମାଣରେ ମାଙ୍ଗାନିଜ୍ ଗଚ୍ଛିତ ଅଛି । ମାଙ୍ଗାନିଜ ଉତ୍ପାଦନରେ କର୍ଣ୍ଣାଟକ ଭାରତରେ 2ୟ ସ୍ଥାନ ଅଧିକାର କରିଛି । ଦେଶର ମୋଟ୍ ଉତ୍ପାଦନର 26% କର୍ଣ୍ଣାଟକରୁ ମିଳିଥାଏ । ଦେଶର ଗଚ୍ଛିତ ଥିବା ମୋଟ୍ ମାଙ୍ଗାନିଜ୍ ପରିମାଣର 6.41% କେବଳ କର୍ଣ୍ଣାଟକରେ ଗଚ୍ଛିତ ଅଛି ।

ମାଙ୍ଗାନିଜ୍ ଉତ୍ପାଦନରେ ଆନ୍ଧ୍ରପ୍ରଦେଶର ସ୍ଥାନ ସ୍ୱତନ୍ତ୍ର । ଦେଶର ମୋଟ୍ ଉତ୍ପାଦନ ୪% ଆନ୍ଧ୍ରପ୍ରଦେଶରୁ ମିଳିଥାଏ । ଗୋଆ, ଝାଡ଼ଖଣ୍ଡ ଏବଂ ଗୋଆରେ ମଧ୍ୟ ସ୍ୱଳ୍ପ ପରିମାଣର ମାଙ୍ଗାନିଜ ଗଚ୍ଛିତ ଅଛି ।

- ◆ ମାଙ୍ଗାନିଜ୍ ଉତ୍ପାଦନ କ୍ଷେତ୍ରରେ ଭାରତର ସ୍ଥାନ ପୃଥିବୀରେ ପ୍ରଥମ ।
- ◆ ଦେଶରେ ମୋଟ୍ ମାଙ୍ଗାନିଜ୍ ବିନିଯୋଗର ୫5% ଧାତବ ଶିଳ୍ପରେ ବିନିଯୋଗ ହୁଏ ।
- ◆ ଓଡ଼ିଶା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟ ମାଙ୍ଗାନିଜ୍ ଉତ୍ପାଦନରେ ଅଗ୍ରଣୀ ।

## ଲୌହ ବିହୀନ ଧାତବ ଖଣିଜ

ଲୌହ ଅଂଶ ନଥିବା ଧାତବ ଖଣିଜକୁ ଲୌହ ବିହୀନ ଧାତବ ଖଣିଜ କୁହାଯାଏ । ସୁନା, ରୂପା, ତମ୍ବା, ଟିଣ, ସୀସା ଓ ଦସ୍ତା ଆଦି ଲୌହବିହୀନ ଧାତବ ଖଣିଜ । ବର୍ତ୍ତମାନ ସମୟରେ ଏପ୍ରକାର ଧାତବ ଖଣିଜର ଚାହିଦା ବହୁତ । କିନ୍ତୁ ଏହି ପ୍ରକାର ଧାତବ ଖଣିଜ ଉତ୍ପାଦନର ଭାରତ ଏକ ଗରିବ ତଥା ଅଭାବୀ ଦେଶ ।

### (i) ବକ୍ସାଇଟ୍

ବକ୍‌ସାଇଟ୍ ଏକ ଲୌହବିହୀନ ଧାତବ ଖଣିଜ । ଏହି ଧାତୁପିଣ୍ଡରୁ ଆଲୁମିନିୟମ୍ ପ୍ରସ୍ତୁତ କରାଯାଏ । ବକ୍‌ସାଇଟ୍ ଉତ୍ପାଦନରେ ଭାରତ ଆତ୍ମନିର୍ଭରଶୀଳ । ଏଥିରୁ ପ୍ରସ୍ତୁତ ଆଲୁମିନିୟମ୍‌କୁ ଉଡ଼ାଜାହାଜ ତିଆରି, ବୈଦ୍ୟୁତିକ ଯନ୍ତ୍ରପାତି, ଘରୋଇ ଉପକରଣ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ତା'ଛଡ଼ା କେତେକ ରାସାୟନିକ ପଦାର୍ଥ ଏବଂ ଧଳା ସିମେଣ୍ଟ ପ୍ରସ୍ତୁତିରେ ମଧ୍ୟ ବକ୍‌ସାଇଟ୍ ବ୍ୟବହାର ହୁଏ । ଆମ ଦେଶରେ ପ୍ରାୟ 3037 ମିଲିୟନ୍ ଟନ୍ ବକ୍‌ସାଇଟ୍ ଗଚ୍ଛିତ ଅଛି ।



ଟିପ୍ପଣୀ

**ସାରଣୀ 23.4 : ଭାରତରେ ବକ୍‌ସାଇଟ୍ ଉତ୍ପାଦନ**

| ବର୍ଷ | ଉତ୍ପାଦନ ( ହଜାର ଟନ୍‌ରେ ) |
|---|---|
| 1951 | 68.1 |
| 1961 | 475.9 |
| 1971 | 1, 517.1 |
| 1981 | 1, 954,6 |
| 1991 | 4, 977.0 |
| 2004-05 | 11598. 0 |

ଆମ ଦେଶରେ ପ୍ରାୟ ଅଧିକାଂଶ ଅଂଚଳରେ ବକ୍‌ସାଇଟ୍ ରହିଛି । ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଗୁଜୁରାଟ, କର୍ଣ୍ଣାଟକ, ତାମିଲନାଡୁ, ଗୋଆ ଏବଂ ଉତ୍ତର ପ୍ରଦେଶରେ ଅଧିକାଂଶ ବକ୍‌ସାଇଟ୍ ଖଣି ରହିଛି ।

ଦେଶର ମୋଟ୍ ଗଚ୍ଛିତ ପରିମାଣର 13% ଓ ମୋଟ୍ ଉତ୍ପାଦନର 37% ବକ୍‌ସାଇଟ୍ ଝାଡ଼ଖଣ୍ଡରୁ ମିଳେ । ପାଲାମୁ, ରାଞ୍ଚି ଏବଂ ଲୌହାରଡ଼ଗା ଜିଲ୍ଲାରେ ମୁଖ୍ୟ ଖଣିଗୁଡ଼ିକ ରହିଛି । ବକ୍‌ସାଇଟ୍ ଗଚ୍ଛିତ ଓ ଉତ୍ପାଦନ କ୍ଷେତ୍ରରେ ଗୁଜୁରାଟର 12% ଯୋଗଦାନ ରହିଛି । ଭାବାନଗର, ଜୁନାଗଡ଼ ଓ ଆମ୍ରେଲି ଜିଲ୍ଲାରେ ବକ୍‌ସାଇଟ୍ ଖଣି ରହିଛି ।

ମଧ୍ୟପ୍ରଦେଶ ଓ ଛତିଶଗଡ଼ ଉଭୟ ରାଜ୍ୟ ମୋଟ୍ ଗଚ୍ଛିତ ଓ ଉତ୍ପାଦନ ଦୃଷ୍ଟିରୁ ସମାନ । ମୋଟ୍ ଗଚ୍ଛିତ ପରିମାଣ ଦେଶର ମୋଟ୍ ଗଚ୍ଛିତ ପରିମାଣର 22% ଓ ଉତ୍ପାଦନର 25% ଅଟେ । ଏହି ଦୁଇ ରାଜ୍ୟର ମୁଖ୍ୟ ବକ୍‌ସାଇଟ୍ ଖଣିଗୁଡ଼ିକ ଅମରକଣ୍ଟକ ମାଳଭୂମି ଅନ୍ତର୍ଗତ ସରଗୁଜ, ରାୟଗଡ଼ ଓ ବିଳାସପୁର ଜିଲ୍ଲା, ବିଳାସପୁରର ମୈକାଲ ପର୍ବତ, ଦୁର୍ଗ, ମାଣ୍ଡଲା, ଶାହାଡ଼ୋଲ୍ ଓ ବାଲ୍‌ଘାଟ ଜିଲ୍ଲା ଏବଂ ମଧ୍ୟପ୍ରଦେଶର କଟ୍‌ନୀ ଜିଲ୍ଲାରେ ରହିଛି ।

ଦେଶର ମୋଟ୍ ଗଚ୍ଛିତ ବକ୍‌ସାଇଟ୍ ପରିମାଣର 22% ମହାରାଷ୍ଟ୍ରରେ ରହିଛି (ମହାରାଷ୍ଟ୍ରର ସ୍ଥାନ 2ୟ) । କିନ୍ତୁ ଉତ୍ପାଦନ ସେ ତୁଳନାରେ କମ୍, ମାତ୍ର 18% । ମହାରାଷ୍ଟ୍ରର କୋହ୍ଲାପୁର, ରାୟଗଡ଼, ଥାନା, ସତ୍ତାରା ଓ ରତ୍ନଗିରି ଜିଲ୍ଲାରେ ପ୍ରମୁଖ ବକ୍‌ସାଇଟ୍ ଖଣି ରହିଛି ।

କର୍ଣ୍ଣାଟକ ଉତ୍ତର-ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ବେଲଗାଓଁ ଜିଲ୍ଲାରେ ବକ୍‌ସାଇଟ୍ ମିଳେ । ଓଡ଼ିଶା-ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ପୂର୍ବଘାଟ ମାଳାରେ ପ୍ରଚୁର ବକ୍‌ସାଇଟ୍ ସନ୍ଧାନ ମିଳିଛି । ତା'ଛଡ଼ା ତାମିଲନାଡୁର ସାଲେମ୍, ନୀଳଗିରି ଓ ମଦୁରାଇ ଜିଲ୍ଲା ଓ ଉତ୍ତରପ୍ରଦେଶର ବାନ୍ଦା ଜିଲ୍ଲାରେ ମଧ୍ୟ କିଛି ବକ୍‌ସାଇଟ୍ ଖଣି ଅଛି ।

ଇଟାଲି, ଇଂଲଣ୍ଡ, ପଶ୍ଚିମ ଜର୍ମାନୀ ଓ ଜାପାନ ଆଦି ଦେଶକୁ ଆମ ଦେଶରୁ ବକ୍‌ସାଇଟ୍ ରପ୍ତାନୀ କରାଯାଏ ।




Based upon Survey of India outline map printed in 1979.

The territorial waters of India extend into the sea to a distance of twelve nautical miles measured from the appropriate base line.

The boundary of Meghalaya shown on this map is as interpreted from the North-Eastern Areas (Reorganisation) Act. 1971, but has yet to be verified.

© Government of India copyright, 1979.

ଚିତ୍ର : ୨୩.୬ ଭାରତ: ବକ୍ସାଇଟ୍ ବିତରଣ





- ବକ୍ସାଇଟ୍‌ରୁ ଆଲୁମିନିୟମ୍ ପ୍ରସ୍ତୁତ ହୁଏ ।
- ଧଳା ସିମେଣ୍ଟ ଓ କେତେକ ରାସାୟନିକ ପଦାର୍ଥ ପ୍ରସ୍ତୁତିରେ ବକ୍ସାଇଟ୍ ବ୍ୟବହୃତ ହୁଏ ।
- ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଗୁଜୁରାଟ, ଗୋଆ, କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ ଆଦି ରାଜ୍ୟରେ ପ୍ରଚୁର ବକ୍ସାଇଟ୍ ରହିଛି ।

## (ଖ) ଅଧାତବ ଖଣିଜ

ଆମ ଦେଶରେ ବହୁ ପ୍ରକାର ଅଧାତବ ଖଣିଜ ଦେଖିବାକୁ ମିଳେ । କିନ୍ତୁ ଚୂନପଥର, ଡ଼ୋଲୋମାଇଟ୍, ଅଭ୍ର, କ୍ୟାନାଇଟ୍, ସିଲିମାନାଇଟ୍, ଜିପ୍‌ସମ୍ ଏବଂ ଫସ୍‌ଫେଟ୍ ପରି କେତେକ ଅଧାତବ ଖଣିଜର ବାଣିଜ୍ୟିକ ପ୍ରାଧାନ୍ୟ ଅଧିକ । ଏହି ଖଣିଜ ଗୁଡ଼ିକ ସିମେଣ୍ଟ, ସାର, ବୈଦ୍ୟୁତିକ ଉପକରଣ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ଆମେ ଏଠାରେ କେବଳ ଅଭ୍ର ଓ ଚୂନପଥର ବିଷୟରେ ଅଧ୍ୟୟନ କରିବା ।

### (i) ଅଭ୍ର

ଅଭ୍ର ଉତ୍ପାଦନରେ ଭାରତ ଏକ ଅଗ୍ରଣୀ ଦେଶ । ବୈଦ୍ୟୁତିକ ଓ ଇଲେକ୍‌ଟ୍ରୋନିକ୍ସ ଶିଳ୍ପରେ ଅଭ୍ର ବ୍ୟବହାର ଅଧିକ । ମାତ୍ର ଏହାର ସିନ୍ଥେଟିକ୍ ପ୍ରତିବଦଳ ପ୍ରସ୍ତୁତି ହେତୁ ଆମଦେଶରେ ଏହାର ଉତ୍ପାଦନ ତଥା ରପ୍ତାନୀ ହ୍ରାସ ପାଇଛି ।

### ବିତରଣ

ଭାରତର ଅଧିକାଂଶ ସ୍ଥାନରେ ଅଭ୍ର ଥିଲେ ମଧ୍ୟ ମୁଖ୍ୟତଃ ତିନୋଟି ବଳୟରୁ ଉତ୍ପାଦନ କରାଯାଏ । ଏହି ତିନୋଟି ବଳୟ ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ବିହାର ଓ ରାଜସ୍ଥାନରେ ଅବସ୍ଥିତ ।

ବିହାର ଓ ଝାଡ଼ଖଣ୍ଡରୁ ଉତ୍କୃଷ୍ଟ ଧରଣର ରୁବି ଅଭ୍ର ମିଳେ । ବିହାର-ଝାଡ଼ଖଣ୍ଡର ମୁଖ୍ୟ ବଳୟ ପୂର୍ବରେ ମୁଙ୍ଗେର ଜିଲ୍ଲାଠାରୁ ଭାଗଲପୁର ଜିଲ୍ଲା ପର୍ଯ୍ୟନ୍ତ ଏବଂ ପଶ୍ଚିମରେ ଗୟା ଠାରୁ ହଜାରିବାଗ ଜିଲ୍ଲା ପର୍ଯ୍ୟନ୍ତ ବିସ୍ତୃତ । ଏହାଛଡ଼ା ଧାନବାଦ, ପାଲାମୁ, ରାଞ୍ଚି ଓ ସିଂହଭୂମ ଜିଲ୍ଲାରେ ମଧ୍ୟ ଅଭ୍ରଖଣି ଅଛି । ଆନ୍ଧ୍ରପ୍ରଦେଶର ନେଲୋର ଜିଲ୍ଲାରେ ଅଭ୍ର ଖଣି ରହିଛି । ଅଭ୍ର ଉତ୍ପାଦନରେ ରାଜସ୍ଥାନର ସ୍ଥାନ ୩ୟ । ରାଜସ୍ଥାନର ଜୟପୁର, ଉଦୟପୁର, ଭିଲ୍‌ୱାରା, ଆଜମେର୍ ଏବଂ କିଷାନଗଡ଼ ଜିଲ୍ଲାରେ ଅଭ୍ର ଖଣି ରହିଛି । ଏହାଛଡ଼ା କେରଳ, ତାମିଲନାଡୁ ଓ ମଧ୍ୟପ୍ରଦେଶରେ ମଧ୍ୟ ସ୍ୱଳ୍ପ ପରିମାଣର ଅଭ୍ର ମିଳେ ।

ଆମ ଦେଶରେ ଉତ୍ପାଦିତ ମୋଟ୍ ଅଭ୍ରର 50% କେବଳ ଆମେରିକାକୁ ରପ୍ତାନୀ କରାଯାଏ ।

### (ii) ଚୂନପଥର

ଦେଶରେ ମୋଟ୍ ଉତ୍ପାଦିତ ଚୂନପଥର ପରିମାଣର 76% ସିମେଣ୍ଟ ଶିଳ୍ପରେ, 16% ଲୌହ-ଇସ୍ପାତ ଶିଳ୍ପରେ ଏବଂ 4% ରାସାୟନିକ ଶିଳ୍ପରେ ବିନିଯୋଗ ହୁଏ । ବଳକା 4 ପ୍ରତିଶତ ଅଂଶ, ଚିନି, କାଗଜ ସାର ଏବଂ ଫେରୋମାଙ୍ଗାନିଜ୍ ଶିଳ୍ପ କାରଖାନାରେ ବ୍ୟବହୃତ ହୁଏ । ଅଧିକ ସିଲିକା ଯୁକ୍ତ ଚୂନପଥରକୁ ସିମେଣ୍ଟ ପ୍ରସ୍ତୁତିରେ ବ୍ୟବହାର କରାଯାଏ ।

**ଆବଣ୍ଟନ**

ଦେଶରେ ଗଚ୍ଛିତ ଥିବା ଚୁନପଥର ପରିମାଣର ୩୬ ପ୍ରତିଶତ ମଧ୍ୟପ୍ରଦେଶରେ ରହିଛି । ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ରାଜସ୍ଥାନ, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଉତ୍ତରପ୍ରଦେଶ ଆଦି ରାଜ୍ୟ ଚୁନପଥର ଉତ୍ପାଦନରେ ଅଗ୍ରଣୀ । ଆସାମ ହରିୟାନା, ଜାମ୍ମୁ ଓ କାଶ୍ମୀର, କେରଳ ଓ ମେଘାଳୟରୁ ମଧ୍ୟ କିଛି କିଛି ଚୁନପଥର ଉତ୍ପାଦନ କରାଯାଏ । କର୍ଣ୍ଣାଟକର ବିଜାପୁର, ବେଲଗାଓଁ ଏବଂ ସିମୋଗା ଜିଲ୍ଲାରେ ମୋଟ୍ 10% ଚୁନପଥର ଖଣି ରହିଛି । ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଗୁଣ୍ଟୁର, କୃଷ୍ଣା, କରୀମ୍‌ନଗର୍ ଏବଂ ଆଡ଼ିଲାବାଦ ଜିଲ୍ଲା, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, ବିହାରର ରୋହତ୍‌ଗ୍ଡ଼ାସ ଜିଲ୍ଲା ଏବଂ ଝାଡ଼ଖଣ୍ଡର ପାଲାମୁ ଜିଲ୍ଲାରେ ଚୁନପଥର ଖଣି ରହିଛି ।

- ◆ ଅଭ୍ର ଉତ୍ପାଦନରେ ଭାରତ ପୃଥିବୀରେ ପ୍ରଥମ ।
- ◆ ବୈଦ୍ୟୁତିକ ଓ ଇଲେକ୍‌ଟ୍ରୋନିକ୍ସ୍ ଶିଳ୍ପରେ ଅଭ୍ର ବ୍ୟବହାର ହୁଏ ।
- ◆ ଅଧିକାଂଶ ଅଞ୍ଚଳରେ ଅଭ୍ର ଖଣି ଥିଲେ ମଧ୍ୟ ବିହାର, ଆନ୍ଧ୍ରପ୍ରଦେଶ ଓ ରାଜସ୍ଥାନର ଖଣି ଉଲ୍ଲେଖଯୋଗ୍ୟ ।
- ◆ ସିମେଣ୍ଟ, ଲୌହ ଇସ୍ପାତ ଓ ରସାୟନଶିଳ୍ପରେ ଚୁନପଥର ବ୍ୟବହୃତ ହୁଏ ।
- ◆ ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ବିହାର ଝାଡ଼ଖଣ୍ଡ ଏବଂ ମେଘାଳୟରେ ପ୍ରଚୁର ଚୁନପଥର ମିଳେ ।

## ପାଠଗତ ପ୍ରଶ୍ନ ୨୩.୨

1. ସଠିକ୍ ଉତ୍ତର ପାଇଁ (✓) ଚିହ୍ନ ଦିଅ ।

(a) ବୈଲାଡ଼ିଲାରୁ ଲୁହାପଥର ରପ୍ତାନୀ କରାଯାଉଥିବା ବନ୍ଦର ________ ।

(i) ପାରାଦୀପ (ii) କାକିନାଡ଼ା

(iii) ବିଶାଖାପାଟଣା (iv) ହଳଦିଆ

(b) ସର୍ବାଧିକ ଲୌହାଂଶ ଥିବା ଚୁନପଥର ________ ।

(i) ମ୍ୟାଗ୍ନେଟାଇଟ୍ (ii) ହେମାଟାଇଟ୍

(iii) ଲିମୋନାଇଟ୍ (iv) ସାଡ଼େରାଇଟ୍

(c) ମାଙ୍ଗାନିଜ୍ ଉତ୍ପାଦନରେ ଅଗ୍ରଣୀ ରାଜ୍ୟ ________ ।

(i) ବିହାର (ii) ଓଡ଼ିଶା

(iii) ମଧ୍ୟପ୍ରଦେଶ (iv) କର୍ଣ୍ଣାଟକ

(d) ସର୍ବାଧିକ ମାଙ୍ଗାନିଜ୍ ବ୍ୟବହୃତ ହେଉଥିବା ଶିଳ୍ପ ________ ।

(i) ଚମଡ଼ା ଶିଳ୍ପ (ii) ଦିଆସିଲି ଶିଳ୍ପ

(iii) ଧାତବ ଶିଳ୍ପ (iv) ଫୋଟୋଗ୍ରାଫି ଶିଳ୍ପ

(e) ବକ୍ସାଇଟ୍ ଏକ ________ ।

(i) ଲୌହଯୁକ୍ତ ଧାତବ ଖଣିଜ (ii) ଅଧାତବ ଖଣିଜ

(iii) ଲୌହ ବିହୀନ ଧାତବ ଖଣିଜ (iv) ଖଣିଜ ଇନ୍ଧନ

(ଚ) ଆଲୁମିନିୟମ୍‌ର ଧାତୁପିଣ୍ଡ ________ ।

(i) ହେମାଟାଇଟ୍ (ii) ମ୍ୟାଗ୍ନେଟାଇଟ୍

(iii) ବକ୍ସାଇଟ୍ (iv) ଲିମୋନାଇଟ୍

(ଛ) ଭାରତ ଅଗ୍ରଣୀ ଉତ୍ପାଦକ ________ ।

(i) ଚୂନପଥର (ii) ତମ୍ବା

(iii) ଅଭ୍ର (iv) ଫସ୍‌ଫେଟ୍

---

## 23.5 ଖଣିଜ ଉତ୍ତୋଳନର ସମସ୍ୟା

### (i) ଖଣିଜ କ୍ଷୟ

ମାତ୍ରାଧିକ ପରିମାଣରେ ଖଣିଜ ଉତ୍ତୋଳନ କରାଯିବାରୁ ନିକଟ ଭବିଷ୍ୟତରେ ଏହା ସରିଯିବାର ସମ୍ଭାବନା ଅଧିକ । ତେଣୁ ଖଣିଜ ପଦାର୍ଥର ସଂରକ୍ଷଣ ସହ ସୁଚିନ୍ତିତ ତଥା ସୁନିୟନ୍ତ୍ରିତ ବିନିଯୋଗ କରାଯିବା ଉଚିତ୍ ।

### (ii) ପାରିସ୍ଥିତିକ ସମସ୍ୟା

ଅତ୍ୟଧିକ ଖଣିଜ ଉତ୍ତୋଳନ ଯୋଗୁଁ ପାରିସ୍ଥିତିକ ସମସ୍ୟା ସୃଷ୍ଟି ହେଉଛି । ପ୍ରାକୃତିକ ଉଦ୍ଭିଦ ବ୍ୟାପକ ଅଂଚଳରୁ ନଷ୍ଟ ହୋଇଛି । କୃଷିଭୂମି ନଷ୍ଟହୋଇ ପରିତ୍ୟକ୍ତ ହେଉଛି । ବ୍ୟାପକ ଖଣିଖନନ ହେଉଥିବା ଅଂଚଳରେ ବନ୍ୟା ସମସ୍ୟା ସୃଷ୍ଟି ହେବା ସହ, ଖାଲୁଆ ଅଞ୍ଚଳରେ ପାଣି ଜମିରହିବାରୁ ମଶା ବଂଶ ବୃଦ୍ଧି ହେଉଛି ଏବଂ ମ୍ୟାଲେରିଆ ମହାମାରୀ ରୂପେ ବ୍ୟାପୁଛି । ପାର୍ବତ୍ୟ ଅଞ୍ଚଳରେ ଭୂ-ସ୍ଖଳନ ହୋଇ ବହୁ ଧନଜୀବନ ନଷ୍ଟ ହେଉଛି । କେତେକ ସ୍ଥାନରେ ଅତ୍ୟନ୍ତ ବିପଜ୍ଜନକ ଭାବେ ଶ୍ରମିକମାନେ ଖାଦାନରେ କାମ କରୁଛନ୍ତି । ପ୍ରତିବର୍ଷ କୋଇଲା ଖଣିରେ ନିଆଁଲାଗିବା ଓ ପାଣି ପଶିବା ଯୋଗୁଁ ଶହ ଶହ ଶ୍ରମିକ ମୃତ୍ୟୁବରଣ କରୁଛନ୍ତି । ଗଭୀର ଖଣିରୁ ନିର୍ଗତ ବିଷାକ୍ତ ବାଷ୍ପ ଯୋଗୁଁ ମଧ୍ୟ ଜୀବନ ହାନି ହେଉଛି ।

### (iii) ପ୍ରଦୂଷଣ

ଖଣି ଖନନ ଯୋଗୁଁ କେତେକ ଖଣି ଅଞ୍ଚଳରେ ତଥା ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଦୂଷଣ ହୋଇ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି ।



ଟିପ୍ପଣୀ

### (iv) ସାମାଜିକ ସମସ୍ୟା

ଖଣି ଖନନ ଯୋଗୁଁ ସେଠାକାର ଅଧିବାସୀମାନଙ୍କୁ ବିସ୍ଥାପିତ କରାଯାଉଛି । ଅଧିକାଂଶ ଆଦିବାସୀ ଅଧ୍ୟୁଷିତ ଅଂଚଳ ଖଣିଜ ସଂପଦ ପରିପୂର୍ଣ୍ଣ । ତେଣୁ ସେ ଅଞ୍ଚଳରେ ଖଣିକାର୍ଯ୍ୟ କରାଯିବାରୁ ଅର୍ଥାତ୍ ଶିଳ୍ପାୟନ କାର୍ଯ୍ୟକାରୀ ହେବାରୁ ସେମାନଙ୍କର ଜନ ଜୀବନରେ ଏହା ଖୁବ୍ ପ୍ରଭାବ ପକାଇଉଛି ।

## 23.6 ସମ୍ବଳ ସଂରକ୍ଷଣ

ଖଣିଜ ସମ୍ପଦ ସମ୍ବଳର ସୀମିତ ଉତ୍ସ ହେତୁ, ଏହାର ସୁଚିନ୍ତିତ ସୁନିୟନ୍ତ୍ରିତ ବିନିଯୋଗ କରାଯିବା ଅତ୍ୟାବଶ୍ୟକ । ଯାହାଫଳରେ ଭବିଷ୍ୟତ ବଂଶଧରଙ୍କ ପାଇଁ ମଧ୍ୟ ସଂଚିତ ହୋଇପାରିବ । ନିମ୍ନଲିଖିତ ଉପାୟ ଅବଲମ୍ବନ ଦ୍ୱାରା ଏହାକୁ ସଂରକ୍ଷଣ କରାଯାଇପାରିବ ।

### 1. ଅଧିକରୁ ଅଧିକ ଖଣିଜର ସନ୍ଧାନ

ରିମୋଟ୍ ସେନ୍‌ସିଂ ସାଟେଲାଇଟ୍ ଦ୍ୱାରା ଅଧିକରୁ ଅଧିକ ଖଣିଜ ପଦାର୍ଥର ସନ୍ଧାନ କରିବା ପାଇଁ ପ୍ରଚେଷ୍ଟା ରହିବା ଦରକାର ।

### 2. ପୁନଃ ଚକ୍ରଣ

ବର୍ଜ୍ୟବସ୍ତୁର ପୁନଃ ପ୍ରସ୍ତୁତ କରି ବ୍ୟବହାର କରିବାକୁ ପୁନଃ ଚକ୍ରଣ କୁହାଯାଏ । (i) ଛିଣ୍ଡା କାଗଜ, ଛିଣ୍ଡା କପଡ଼ା, ବ୍ୟବହୃତ ବୋତଲ, ଟିଣଡ଼ବା, ଭଙ୍ଗା ପ୍ଲାଷ୍ଟିକ ଜିନିଷ ଇତ୍ୟାଦିର ପୁନଃଚକ୍ରଣ ଦ୍ୱାରା କାଗଜ, ନ୍ୟୁଜ୍‌ପ୍ରିଣ୍ଟ, ପ୍ଲାଷ୍ଟିକ୍ ଗ୍ଲାସ୍, ପ୍ୟାକିଂ ଟିଣଡ଼ବା ଇତ୍ୟାଦି ପ୍ରସ୍ତୁତ କରାଯାଇପାରେ । ଏହି ପଦ୍ଧତି ଦ୍ୱାରା ଜଳ ଓ ବିଦ୍ୟୁତ୍‌ଶକ୍ତିର ଅପେକ୍ଷାକୃତ ଭାବେ କମ୍ ବିନିଯୋଗ ହୁଏ । ଏହାଦ୍ୱାରା ମଧ୍ୟ କ୍ଷୟପ୍ରାପ୍ତ ଅରଣ୍ୟ ସମ୍ପଦର ସୁରକ୍ଷା କରାଯାଇପାରିବ (ii) ବ୍ୟବହାର ପରବର୍ତ୍ତୀ ପୁନଃଚକ୍ରଣ- ଭଙ୍ଗାଲୁହା, ଅଟୋମୋବାଇଲ୍‌ର ଭଙ୍ଗା ବା ପରିତ୍ୟକ୍ତ ଲୌହାଂଶ, କଳକାରଖାନାରୁ ନିର୍ଗତ ଭଙ୍ଗା ଅଂଶ ଇତ୍ୟାଦିର ପୁନଃଚକ୍ରଣ ଦ୍ୱାରା ଅନ୍ୟାନ୍ୟ ନୂତନ ଆବଶ୍ୟକୀୟ ପଦାର୍ଥ ପ୍ରସ୍ତୁତ କରାଯାଇପାରିବ ।

### 3. ପ୍ରତିବଦଳ

ପ୍ରଯୁକ୍ତି ବିଦ୍ୟାର ବିକାଶ ହେତୁ ଖଣିଜ ପଦାର୍ଥ ବଦଳରେ ଅନ୍ୟାନ୍ୟ ଜିନିଷ ମଧ୍ୟ ବ୍ୟବହାର କରାଯାଉଛି । ପେଟ୍ରୋ-କେମିକାଲ୍ ଶିଳ୍ପର ଉତ୍ପାଦ ଯୋଗୁଁ ପିତ୍ତଳ ବା ମାଟି ଜାଳର ବ୍ୟବହାର ପରିବର୍ତ୍ତିତ ହୋଇଯାଇଛି । ବର୍ତ୍ତମାନ ପ୍ଲାଷ୍ଟିକର ବହୁଳ ବ୍ୟବହାର କରାଯାଉଛି । ଯଥା ମୋଟରକାର୍ ପ୍ରସ୍ତୁତିରେ ଷ୍ଟିଲ୍ ସହ ଏବଂ ପାଇପ୍ ପ୍ରସ୍ତୁତିରେ ପ୍ଲାଷ୍ଟିକ୍ ବ୍ୟବହୃତ ହେଉଛି ।

### 4. ସୁବିନିଯୋଗ

ଖଣିଜ ପଦାର୍ଥର ସ୍ଥାୟୀତ୍ୱ ପାଇଁ ଅଧିକ ସୁବିନିଯୋଗ କରାଯିବା ଉଚିତ୍ ।

## 23.7 ଶକ୍ତି ସମ୍ପଦ

ଦେଶର ଆର୍ଥିକ ବିକାଶ ଓ ଜୀବନ ଧାରଣର ମାନ ଉନ୍ନତ ହେବାର ମୂଳତତ୍ତ୍ୱ ହେଉଛି ଶକ୍ତି ସମ୍ବଳ । ଶକ୍ତି ସମ୍ବଳ ବିନା ଆଧୁନିକ ଜୀବନ କଳ୍ପନା କରାଯାଇନପାରେ । ବିଜ୍ଞାନ ଯୁଗରେ ଦିନକୁ ଦିନ ଶକ୍ତିର ବ୍ୟବହାର ବୃଦ୍ଧିପାଇବାରେ ଲାଗିଛି । ଏହି ପାଠାଂଶରେ ଶକ୍ତି ସମ୍ବଳ ସମ୍ବନ୍ଧରେ ବିଶେଷ ଅଧ୍ୟୟନ କରିବା ।



ଟିପ୍ପଣୀ

## 23.8 ଶକ୍ତିର ଉତ୍ସ ଓ ସେମାନଙ୍କର ବର୍ଗୀକରଣ

ଶକ୍ତିର ଅନେକ ଉତ୍ସ ଅଛି ଏବଂ ଏହାର ବର୍ଗୀକରଣ ମଧ୍ୟ କରାଯାଇଛି । ଯଥା:-ବାଣିଜ୍ୟିକ ଓ ଅଣବାଣିଜ୍ୟିକ ଶକ୍ତି ଉତ୍ସ

**(i) ଅଣବାଣିଜ୍ୟିକ ଶକ୍ତି :** ଗ୍ରାମାଞ୍ଚଳରେ ମିଳୁଥିବା ଦ୍ରବ୍ୟ ଯଥା ପଶୁଜାତ ଦ୍ରବ୍ୟ, ନଡ଼ା କୁଟା ଏବଂ ପଶୁ ବା ମଣିଷର ଶ୍ରମଶକ୍ତି ଯାହା ପାଇବା ପାଇଁ ତୁଳନାତ୍ମକ ଭାବେ କମ୍ ଖର୍ଚ୍ଚ କରିବାକୁ ପଡ଼େ । ସେଗୁଡ଼ିକ ଅଣବାଣିଜ୍ୟିକ ଶକ୍ତି ।

**(ii) ବାଣିଜ୍ୟିକ ଶକ୍ତି :** ଯେଉଁ ଦ୍ରବ୍ୟ ପାଇବା ପାଇଁ ଅର୍ଥ ବିନିଯୋଗ କରିବାକୁ ପଡ଼େ, ତାହା ବାଣିଜ୍ୟିକ ଶକ୍ତି । ଯଥା:- କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ, ଘରୋଇ ରନ୍ଧନଗ୍ୟାସ ଏବଂ ବିଦ୍ୟୁତ୍ ଶକ୍ତି ଇତ୍ୟାଦି ।

ସ୍ଥାୟୀତ୍ୱ ବା ଭରଣ ଅନୁସାରେ ମଧ୍ୟ ଶକ୍ତି ଉତ୍ସ ଦୁଇପ୍ରକାର ।

**(iii) ନବୀକରଣ ଯୋଗ୍ୟ ଶକ୍ତି ଉତ୍ସ୍ୟ :** ସୂର୍ଯ୍ୟ, ପବନ, ଜୁଆର, ବାୟୋଗ୍ୟାସ୍ ପ୍ରବହମାନ ଜଳ ଇତ୍ୟାଦି ଏହିପ୍ରକାର ଶକ୍ତି ଉତ୍ସ । କାରଣ ଏମାନେ ସରନ୍ତି ନାହିଁ ଏବଂ ପ୍ରଦୂଷଣ ମୁକ୍ତ ମଧ୍ୟ ।

**(iv) ନବୀକରଣ ଅଯୋଗ୍ୟ ଶକ୍ତି ଉତ୍ସ :** କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ ଇତ୍ୟାଦି ନବୀକରଣ ଅଯୋଗ୍ୟ ଶକ୍ତି ଉତ୍ସ । ଏମାନଙ୍କୁ ଜୀବାଶ୍ମ ଇନ୍ଧନ ମଧ୍ୟ କୁହାଯାଏ ।

ଅନ୍ୟ ଏକ ପ୍ରକାରର ବର୍ଗୀକରଣ ମଧ୍ୟ କରାଯାଇପାରେ ଯଥା ଶକ୍ତିର ଅସରନ୍ତି ଉତ୍ସ ଓ ସୀମିତ ଉତ୍ସ

**ଅସରନ୍ତି ଉତ୍ସ :** ସୌର ଶକ୍ତି, ପବନ ଶକ୍ତି, ଜୁଆର ଶକ୍ତି, ଭୂ-ତାପଜ ଶକ୍ତି ବାୟୋଗ୍ୟାସ୍ ଇତ୍ୟାଦି ଏ ପ୍ରକାର ଶକ୍ତି ଉତ୍ସ ।

**ସୀମିତ ଉତ୍ସ :** କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ ଇତ୍ୟାଦି

- ଜାଳେଣୀ କାଠ, ଗୋବର, ନଡ଼ାକୁଟା ଇତ୍ୟାଦି ଶକ୍ତିର ପାରମ୍ପରିକ ତଥା ଅଣବାଣିଜ୍ୟିକ ଶକ୍ତି । ଏବେ ମଧ୍ୟ ଗ୍ରାମାଞ୍ଚଳରେ ଏ ସବୁର ବ୍ୟବହାର ରହିଛି ।
- କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ, ୟୁରାନିୟମ୍ ଓ ଥୋରିୟମ୍ ଆଦି ଶକ୍ତିର ସୀମିତ ଉତ୍ସ ।
- ସୌରଶକ୍ତି, ପବନ ଶକ୍ତି, ବାୟୋଗ୍ୟାସ୍, ଜୁଆର ଶକ୍ତି, ଉଷ୍ଣ ପ୍ରସ୍ରବଣ ଆଦି ଶକ୍ତିର ଅସରନ୍ତି ଉତ୍ସ ।
- ସେମାନେ ଯେହେତୁ ନବୀକରଣ ଯୋଗ୍ୟ ଓ ପ୍ରଦୂଷଣ ମୁକ୍ତ, ଏମାନଙ୍କର ଗୁରୁତ୍ୱ ଅଧିକ ।

## 23.9 ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ଓ ଉପଯୋଗ

ବିଦ୍ୟୁତ୍‌ଶକ୍ତି ସବୁଠାରୁ ସୁବିଧାଜନକ ତଥା ବହୁମୁଖୀ ଶକ୍ତିର ରୂପ । କୋଇଲା, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ସାହାଯ୍ୟରେ ପ୍ରସ୍ତୁତ ବିଦ୍ୟୁତ୍ ଶକ୍ତିକୁ ତାପଜ ବିଦ୍ୟୁତ୍ କୁହାଯାଏ । ଜଳରୁ ଉତ୍ପାଦିତ ବା ପ୍ରବାହମାନ ଜଳ ସାହାଯ୍ୟରେ ଉତ୍ପାଦିତ ବିଦ୍ୟୁତ୍‌କୁ 'ଜଳ ବିଦ୍ୟୁତ୍' କୁହାଯାଏ । ଆଣବିକ ଧାତୁର ନ୍ୟୁକ୍ଲିୟର୍ ବିଖଣ୍ଡନ ଦ୍ୱାରା ଯେଉଁ ବିଦ୍ୟୁତ୍ ଉତ୍ପାଦିତ ହୁଏ, ତାହାକୁ ଆଣବିକ ବିଦ୍ୟୁତ୍ କୁହାଯାଏ । ଏହା ମଧ୍ୟ ଏକ ତାପଜ ବିଦ୍ୟୁତ୍ । ମାତ୍ର ଏକ ଭିନ୍ନ ଉତ୍ସରୁ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ବିନିଯୋଗ ଦ୍ୱାରା ଏହି ବିଦ୍ୟୁତ୍ ଉତ୍ପାଦନ ହୁଏ ।



ଟିପ୍ପଣୀ

1947 ମସିହା ବେଳକୁ ମୁଣ୍ଡପିଛା ଉପଲବ୍ଧ ବିଦ୍ୟୁତ୍ ପରିମାଣ ଥିଲା 2.4 KWH । 1995-96 ମସିହା ବେଳକୁ ମୁଣ୍ଡପିଛା ବିଦ୍ୟୁତ୍ ଉପଯୋଗ 53 KWH ରେ ପହଞ୍ଚିଲା । ଏତେ ଉନ୍ନତି ସତ୍ତ୍ୱେ ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତର ଏହା ସ୍ୱଳ୍ପ । ପ୍ରାୟ 600, 000ଗ୍ରାମ ବିଶିଷ୍ଟ ଏକ ଗ୍ରାମ ବହୁଳ ଦେଶ ଭାରତ, 1947 ମସିହାରେ ଅତିବେଶୀରେ 300ଗ୍ରାମକୁ ବିଦ୍ୟୁତ୍ ସଂଯୁକ୍ତ ହୋଇପାରିଥିଲା । ଏବେ ଏହା ୫ଲକ୍ଷକୁ ବୃଦ୍ଧିପାଇଛି । 1947 ରୁ 2005 ମସିହା ମଧ୍ୟରେ ଦେଶରେ ବିଦ୍ୟୁତ୍ ଉତ୍ପାଦନ 85 ଗୁଣ ବୃଦ୍ଧି ପାଇଥିବାରୁ ଏହା ସମ୍ଭବ ହୋଇପାରିଛି । 1947 ମସିହାରେ ଦେଶର ମୋଟ୍ ଉତ୍ପାଦିତ ବିଦ୍ୟୁତ୍ ପରିମାଣ 1400 ମେଗାୱାଟ୍ ଥିଲା କିନ୍ତୁ 2005 ମସିହା ମାର୍ଚ୍ଚଶେଷ ସୁଦ୍ଧା ଏହା 1,18,419.09 ମେଗାୱାଟ୍‌ରେ ପହଞ୍ଚିପାରିଛି । ଏଥିରୁ 80,902.45 ତାପଜ ମେଗାୱାଟ୍ 30, 935, 63 ମେଗାୱାଟ୍ ଜଳବିଦ୍ୟୁତ୍, 38,11.01 ମେଗାୱାଟ ପବନଶକ୍ତି ଏବଂ 2770 ମେଗାୱାଟ୍ ଆଣବିକ ଶକ୍ତି ଥିଲା । 1950-51 ମସିହାରେ ମୋଟ୍ ଉତ୍ପାଦିତ ବିଦ୍ୟୁତ୍ ପରିମାଣ ଥିଲା 6.6 ବିଲିୟନ୍ KWH ।1995-96 ବେଳକୁ ଏହା 415 ବିଲିୟନ୍ KWH ରେ ପହଞ୍ଚିଲା । 1950-51 ମସିହାରେ ଜଳବିଦ୍ୟୁତ୍ ପରିମାଣ ଥିଲା 2.5 KWH । 1995-96 ମସିହାରେ ଏହାର ପରିମାଣ ଥିଲା 72.5 ବିଲିୟନ୍ KWH ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୩.୩

1.(a) ଭାରତର ୨ପ୍ରକାର ପ୍ରସିଦ୍ଧ ଶକ୍ତି କେନ୍ଦ୍ରର ନାମ ଲେଖ ।

(i) ____________ (ii) ____________

(b) ଏକ ନବୀକରଣ ଯୋଗ୍ୟ ତଥା ଶକ୍ତିର ନାମ ଲେଖ ।

(i) ________________________________

(c) ଶକ୍ତି ଉତ୍ପାଦନକାରୀ ତିନୋଟି ଖଣିଜର ନାମ ଲେଖ ।

(i) ____________ (ii) ____________ (iii) ____________

2. ସଠିକ୍ ଉତ୍ତରଟି ବାଛ ।

(1) କେଉଁ କ୍ଷେତ୍ରରେ ବିଦ୍ୟୁତ୍ ଶକ୍ତି ବିନିଯୋଗ ଆଖି ଦୃଷ୍ଟିଆ ଭାବେ ବୃଦ୍ଧି ପାଇଛି ?

(i) କୃଷି

(ii) ଶିଳ୍ପ

(iii) ପରିବହନ

(iv) କେଉଁଟି ନୁହେଁ




Based upon Survey of India Outline Map printed in 1990
The territorial waters of India extened into the sea to a distance of twelve nautical miles measured from the aporopriate base line.
The boundary of Meghalaya shown of this map is as interpreted from the North-Eastern Areas (Reorganisation) Act, 1971, but has yet to be verified
Responsibility for correctness of internal details shown on the map rests with the publisher.

© Government of India copyright, 1996

ଚିତ୍ର : ୨୩.୭ ଭାରତର ତାପଜ ବିଦ୍ୟୁତ ଶକ୍ତି କାରଖାନା

(2) କେଉଁଟି ଶକ୍ତିର ଅସରନ୍ତି ?

(i) ତାପଜ ବିଦ୍ୟୁତ୍ କେନ୍ଦ୍ର

(ii) ସୌର ଶକ୍ତି

(iii) ଜଳ ବିଦ୍ୟୁତ୍

(iv) ଆଣବିକ ଶକ୍ତି

(3) ଦେଶର ମୋଟ୍ ଶକ୍ତି ଉତ୍ପାଦନରେ କାହାର ଅଂଶ ସର୍ବାଧିକ ?

(i) ଜଳ ବିଦ୍ୟୁତ୍

(ii) ତାପଜ ବିଦ୍ୟୁତ୍

(iii) ଆଣବିକ ଶକ୍ତି

(iv) ପବନ ଶକ୍ତି

---

## 23.10 ତାପଜ ବିଦ୍ୟୁତ୍ ଉତ୍ସ

କୋଇଲା, ଡିଜେଲ୍ ଏବଂ ପ୍ରାକୃତିକ ବାଷ୍ପରୁ ହିଁ ମୁଖ୍ୟତଃ ତାପଜ ବିଦ୍ୟୁତ୍ ଉତ୍ପାଦନ କରାଯାଏ । ଦେଶରେ ବ୍ୟବହୃତ ବିଦ୍ୟୁତ୍‌ଶକ୍ତିର ସର୍ବାଧିକ ଅଂଶ ତାପଜ ବିଦ୍ୟୁତ୍ ଅଟେ । 2004-05 ମସିହାରେ ଦେଶରେ ଉତ୍ପାଦିତ ବିଦ୍ୟୁତ୍‌ର ପରିମାଣ 1, 18, 419 ମେଗାୱାଟ୍‌ରୁ ତାପଜ ବିଦ୍ୟୁତ୍‌ର ପରିମାଣ 80,903 ମେଗାୱାଟ୍ । ଏହା ଦେଶର ମୋଟ୍ ବିଦ୍ୟୁତ୍ ପରିମାଣର ୬୫% ଅଟେ । 1975 ମସିହାରେ NTPC (National Thermal Power Corporation) ର ପ୍ରଚେଷ୍ଟା ଠାରୁ ଦେଶରେ ତାପଜ ବିଦ୍ୟୁତ୍ ଉତ୍ପାଦନ ଦ୍ରୁତଗତିରେ ବୃଦ୍ଧିପାଇଛି । 2004-05 ମସିହାରେ NTPC 24,435 ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିଥିଲା । କୋଇଲା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ (ପରିବହନ ଖର୍ଚ୍ଚ ବଞ୍ଚାଇବା ପାଇଁ) କୋଇଲା ଖଣି ନିକଟରେ ପ୍ରତିଷ୍ଠା କରାଯାଇଛି । ବଡ଼ ବଡ଼ କୋଇଲା ଖଣି ନିକଟରେ ସୁପର ଥର୍ମାଲ ପାୱାର୍ ପ୍ଲାଣ୍ଟ୍ ପ୍ରତିଷ୍ଠା କରାଯାଇଛି । ଉଦାହରଣ ସ୍ୱରୂପ ସିଂଗ୍ରଲି (ଉତ୍ତର ପ୍ରଦେଶ), କୋର୍ବା (ଛତିଶଗଡ଼), ରାମାଗୁନ୍ଦମ୍ (ଆନ୍ଧ୍ରପ୍ରଦେଶ) ଫରକ୍କା (ପଶ୍ଚିମବଙ୍ଗ), ବିନ୍ଧ୍ୟାଚଳ (ମଧ୍ୟପ୍ରଦେଶ), ରିହାନ୍ଦ ଉତ୍ତରପ୍ରଦେଶ, ଫରକ୍କା (ପଶ୍ଚିମବଙ୍ଗ), ବିନ୍ଧ୍ୟାଚଳନ (ମଧ୍ୟପ୍ରଦେଶ), ରିହାନ୍ଦ ଉତ୍ତରପ୍ରଦେଶ, କୱାସ୍ (ଗୁଜୁରାଟ), ଗଣ୍ଡର (ଗୁଜୁରାଟ) ଏବଂ ତାଳଚେର (ଓଡ଼ିଶା) ।

କୋଇଲା ତାପଜ ବିଦ୍ୟୁତ୍ କେନ୍ଦ୍ର ଛଡ଼ା ଡ଼ିଜେଲ୍ ଓ ପ୍ରାକୃତିକ ବାଷ୍ପ ତାପଜ ବିଦ୍ୟୁତ୍ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଛି ।





ଖଣିଜ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନ କ୍ଷେତ୍ରରେ ଭାରତ ଏକ ନିଅଣ୍ଟିଆ ଦେଶ । ତେଣୁ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକରୁ ଏସବୁର କଞ୍ଚାମାଲ ଆମଦାନୀ କରିବାକୁ ପଡ଼େ । କୋଙ୍କଣ ଉପକୂଳରେ ଥିବା ଡାଭୋଲ୍ ତାପଜ ବିଦ୍ୟୁତ୍ କେନ୍ଦ୍ର (ମହାରାଷ୍ଟ୍ର) ଆମଦାନୀ ହେଉଥିବା କଞ୍ଚାମାଲ ଉପରେ ପ୍ରତିଷ୍ଠିତ ।

ଉତ୍ତର-ପୂର୍ବ ତଥା ହିମାଳୟ ପାର୍ବତ୍ୟାଞ୍ଚଳରେ ପେଟ୍ରୋଲିୟମ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି । ସବୁଠାରୁ ଆଶ୍ଚର୍ଯ୍ୟ କଥା ବର୍ତ୍ତମାନ ସୁଦ୍ଧା କର୍ଣ୍ଣାଟକ ଓ କେରଳରେ କୌଣସି ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ହୋଇନାହିଁ । କହିପାରିବ କି କାହିଁକି ?

## 23.11 ଜଳ ବିଦ୍ୟୁତ୍ କେନ୍ଦ୍ର

ତାପଜ ବିଦ୍ୟୁତ୍ ଉତ୍ସ ଠାରୁ ଜଳ ବିଦ୍ୟୁତ୍ ଉତ୍ସ ଟିକେ ଭିନ୍ନ । ଜଳ ଏକ ନବୀକରଣ ଯୋଗ୍ୟ ତଥା ଅସରନ୍ତି ସମ୍ବଳ । ପୁନଶ୍ଚ ଏହା ପ୍ରଦୂଷଣ ମୁକ୍ତ । ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅତି ଅଳ୍ପ । ଏହାର ମଧ୍ୟ ଦୁଇଟି ଅପକାରିତା ବା ତ୍ରୁଟି ରହିଛି । ପ୍ରଥମତଃ ବର୍ଷସାରା ଜଳ ପ୍ରବାହ କରିବା କରିବା ପାଇଁ ବିପୁଳ ଟଙ୍କା ବିନିମୟରେ ଡ୍ୟାମ୍ କରିବାକୁ ପଡ଼େ । ଦ୍ୱିତୀୟତଃ ଏହା ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ।

ଜଳ ବିଦ୍ୟୁତ୍ ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ ୫ମ (କଙ୍ଗୋ, ଋଷ୍, କାନଡ଼ା ଓ USA ଯଥାକ୍ରମେ 1ମ, 2ୟ, 3ୟ ଓ 4ର୍ଥ)

### ଜଳ ବିଦ୍ୟୁତ୍ ଶକ୍ତି

1897 ମସିହାରେ ଦାର୍ଜିଲିଂରେ ଭାରତର 1ମ ଜଳ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । 1902 ମସିହାରେ କର୍ଣ୍ଣାଟକର କାବେରୀ ନଦୀ ଶର୍ଯ୍ୟାରେ ଅବସ୍ଥିତ ଶିବ ସମୁଦ୍ରମ୍ ଜଳପ୍ରପାତରେ ଅନ୍ୟଏକ ଜଳବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠିତ ହେଲା । ପରବର୍ତ୍ତୀ ପର୍ଯ୍ୟାୟରେ ମୁମ୍ବାଇର ଆବଶ୍ୟକତା ପୂରଣ ପାଇଁ ପଶ୍ଚିମଘାଟ ପର୍ବତମାଳାରେ କେତୋଟି ଜଳ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା । 1930 ମସିହାରେ ଉତ୍ତର ପ୍ରଦେଶ, ଉତ୍ତର ହିମାଚଳ ପ୍ରଦେଶ ତାମିଲନାଡୁ ଓ କର୍ଣ୍ଣାଟକର ଦକ୍ଷିଣରେ ଜଳ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରାଗଲା । 1947 ମସିହା ବେଳକୁ ଉତ୍ପାଦିତ ମୋଟ୍ ଜଳ ବିଦ୍ୟୁତ୍ ପରିମାଣ 508 ମେଗାୱାଟ୍ ହୋଇଥିଲା । ପ୍ରଚୁର ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ବ୍ୟାପକ ପ୍ରଚେଷ୍ଟା କରାଗଲା ଓ ଅନେକ ବହୁମୁଖୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ହେଲା । ଫଳସ୍ୱରୂପ 2000-01 ମସିହା ବେଳକୁ 25219.55 ମେଗାୱାଟ୍ ବିଦ୍ୟୁତଶକ୍ତି ଉତ୍ପାଦନ କରାଯାଇପାରିଲା । ଜଳବିଦ୍ୟୁତ୍ ସୁଲଭ, ପ୍ରଦୂଷଣ ମୁକ୍ତ ଓ ନବୀକରଣଯୋଗ୍ୟ ଶକ୍ତି ହେବା ସତ୍ତ୍ୱେ ସ୍ୱାଧିନତା ପରବର୍ତ୍ତୀ ସମୟରେ ଏହାର ଗୁରୁତ୍ୱ ହ୍ରାସ ପାଇଛି । 1950-51 ମସିହାରେ ଦେଶର ମୋଟ୍ ବିଦ୍ୟୁତ୍ଶକ୍ତିରେ ଜଳବିଦ୍ୟୁତ୍ର ଅଂଶ ଥିଲା 49% । ମାତ୍ର 2000-01 ମସିହା ବେଳକୁ ଏହହା 14.9% ରେ ପହଞ୍ଚିଥିଲା ।

ଟିପ୍ପଣୀ




Based upon Survey of India Outline Map printed in 1987.
The territorial waters of India extend into the sea to a distance of twelve nautical miles measured from the appropriate base line.
Responsibility for correctness of internal details shown on the map rests with the publisher.

© Government of India copyright, 1987.

*ଚିତ୍ର : ୨୩.୮ ଭାରତ ଜଳବିଦ୍ୟୁତ୍ ଶକ୍ତି କେନ୍ଦ୍ର*

ବର୍ତ୍ତମାନ ଦେଶରେ ଶକ୍ତି ସଂକଟ ପରିସ୍ଥିତିରେ ଜଳ ବିଦ୍ୟୁତ୍‌ର ଗୁରୁତ୍ୱ ପୁନର୍ବାର ଉପଲବ୍ଧି କରାଯାଇଛି । ଭାରତୀୟ ନଦୀମାନେ ପ୍ରତିବର୍ଷ 1677 ବିଲିୟନ୍ ଘନମିଟର ଜଳ ସମୁଦ୍ରକୁ ନିଷ୍କାସିତ କରନ୍ତି । କେନ୍ଦ୍ରୀୟ ଜଳ ଓ ଶକ୍ତି କମିଶନ୍ ଏହି ଜଳରୁ 40ମିଲିୟନ୍ କିଲୋୱାଟ୍ ଜଳ ବିଦ୍ୟୁତ୍ ଉତ୍ପାଦନ କରିପାରିବାର ଅନୁମାନ କରିଛନ୍ତି । କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (Central Electricity Authority)



ଟିପ୍ପଣୀ

**ସାରଣୀ 23.5 ଭାରତ-ନଦୀ ଅବବାହିକା ଅନୁଯାୟୀ ଆନୁମାନିକ ଜଳ ବିଦ୍ୟୁତ୍ କ୍ଷମତା**

| ଅବବାହିକା | ଅନ୍ତର୍ନିହିତ କ୍ଷମତା | ସମୁଦାୟ ପ୍ରତିଶତ |
|---|---|---|
| ସିନ୍ଧୁ | ୨୦.୦ | ୨୩.୮ |
| ବ୍ରହ୍ମପୁତ୍ର | ୩୫.୦ | ୪୧.୭ |
| ଗଙ୍ଗା | ୧୧.୦ | ୧୩.୧ |
| ମଧ୍ୟ ଭାରତ ଅବବାହିକା | ୩.୦ | ୩.୬ |
| ପଶ୍ଚିମାଭିମୁଖୀ ନଦୀ | ୬.୦ | ୭.୧ |
| ପୂର୍ବାଭିମୁଖୀ ନଦୀ | ୯.୦ | ୧୦.୭ |
| ସମୁଦାୟ | ୮୪.୦ | ୧୦୦.୦ |

ଉପରୋକ୍ତ ଅନ୍ତର୍ନିହିତ ଜଳବିଦ୍ୟୁତ୍ କ୍ଷମତା କେତେଗୁଡ଼ିଏ ଭୌତିକ ତଥା ଆର୍ଥିକ କାରକ ଉପରେ ନିର୍ଭର କରେ । ଏହି କାରକ ଗୁଡ଼ିକ ମଧ୍ୟରେ ନଦୀପଥ, ନଦୀର ଜଳର ପରିମାଣ, ନଦୀ ଜଳ ପ୍ରବାହର ନିରନ୍ତରତା (ଏସବୁ ବର୍ଷାର ପ୍ରକୃତି ଉପରେ ନିର୍ଭର କରେ) ଏବଂ ସ୍ଥାନ ବିଶେଷର ପ୍ରାଦ୍ୟୋଗିକ ସ୍ତର ଇତ୍ୟାଦି ପ୍ରଧାନ । ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ନଦୀରେ ନିୟମିତ ପର୍ଯ୍ୟାପ୍ତ ଜଳର ତୀବ୍ର ପ୍ରବାହା ଉପରେ ନିର୍ଭର କରେ । ହିମାଳୟ ପର୍ବତ ଶ୍ରେଣୀର ବିଭିନ୍ନ ହିମବାହ ଓ ତୁଷାରାଚ୍ଛନ୍ନ ଶୃଙ୍ଗରୁ ଉତ୍ପତ୍ତି ଲାଭ କରିଥିବା ନଦୀଗୁଡ଼ିକ ଚିରସ୍ରୋତା । ତେଣୁ ଜଳର ପ୍ରବାହ ବର୍ଷସାରା ନିରନ୍ତର । ସେହିଠାରେ ନଦୀର ଶଯ୍ୟା ଗଭୀର ଓ ଅପ୍ରଶସ୍ତ ଓ ଆବୁଡ଼ା ଖାବୁଡ଼ା ହେତୁ, ନଦୀର ପ୍ରବାହ ବେଗ ଅତି ପ୍ରଖର । ଉତ୍ତର-ପୂର୍ବ ପାର୍ବତ୍ୟାଞ୍ଚଳରେ ବ୍ରହ୍ମପୁତ୍ର ଅବବାହିକାରେ ଜଳବିଦ୍ୟୁତ୍ ଶକ୍ତି କ୍ଷମତା ସର୍ବାଧିକ ଏବଂ ସିନ୍ଧୁନଦୀର ସ୍ଥାନ 2ୟ । ହିମାଳୟରୁ ଉତ୍ପତ୍ତିଲାଭ କରିଥିବା ଗଙ୍ଗାନଦୀର ଉପନଦୀମାନଙ୍କର ସମ୍ଭାବିତ ଜଳ-ବିଦ୍ୟୁତ୍ ଶକ୍ତି କ୍ଷମତା ମୋଟ୍ 11,000 ମେଗାୱାଟ୍ ।

କିନ୍ତୁ ଦକ୍ଷିଣ ଭାରତ ନଦୀଗୁଡ଼ିକ ବୃଷ୍ଟିପୁଷ୍ଟ ହୋଇଥିବାରୁ ବର୍ଷାଦିନ ଛଡ଼ା ଅନ୍ୟଦିନଗୁଡ଼ିକରେ ପ୍ରବାହ ପ୍ରଖର ନଥାଏ । ତେଣୁ ନଦୀଜଳ ସଂଚୟ କରିବ ଅତ୍ୟାବଶ୍ୟକ ହୋଇଥାଏ । ପଶ୍ଚିମଘାଟ, ଉତ୍ତର-ପଶ୍ଚିମ କର୍ଣ୍ଣାଟକ, ନୀଳଗିରି ଓ ଆନାମଲାଇ ପର୍ବତ ଏବଂ ଉପର ନର୍ମଦା ଅବବାହିକା ଦକ୍ଷିଣ ଭାରତର ପ୍ରମୁଖ ଜଳବିଦ୍ୟୁତ୍ ଶକ୍ତି ଅଞ୍ଚଳ ଏହା ସତ୍ତ୍ୱେ ମଧ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ ଅପେକ୍ଷାକୃତ ଭାବେ ଅଧିକ । କାରଣ ଏହି ଅଞ୍ଚଳ ପ୍ରମୁଖ କୋଲ୍‌ଫିଲଡ୍‌ଠାରୁ ବହୁତ ଦୂରରେ ଅବସ୍ଥିତ ।



ଟିପ୍ପଣୀ

**ସାରଣୀ 23.6 :ଭାରତର ବିଭିନ୍ନ ରାଜ୍ୟର ଜଳ ବିଦ୍ୟୁତ୍ ଶକ୍ତି କେନ୍ଦ୍ର**

| ରାଜ୍ୟ | ଜଳବିଦ୍ୟୁତ୍ କେନ୍ଦ୍ରର ନାମ |
|---|---|
| ଜାମ୍ମୁ ଓ କାଶ୍ମୀର | ଲୋୟର୍ ଝେଲମ୍, ଚେନାବର ସଲାଲ୍, ଦୁଲ୍‌ହସ୍ତୀ ଓ କାରହ |
| ପଞ୍ଜାବ ଓ ହିମାଚଳ ପ୍ରଦେଶ | ସତଲେଜର ଭାକ୍ରାନାଙ୍ଗାଲ, ବେୟାସ୍‌ର ଦେହାର୍, ଗିରିବଟା, ଆନ୍ଧ୍ର, ବିନ୍‌ଓ୍ବା, ରୁକ୍ତି, ରଙ୍ଗ୍‌ଟଙ୍ଗ୍, ଭାବାନଗର, ବାସୀ, ବୈରା ସିଉଲ୍, ଚମେରା, ନାଥ୍‌ପା-ଝାକ୍ରି (ସତଲେଜ୍ ନଦୀରେ ଭାରତର ସବୁଠାରୁ ବଡ଼ ଜଳ ବିଦ୍ୟୁତ୍ କେନ୍ଦ୍ର ) |
| ଉତ୍ତର ପ୍ରଦେଶ | ରିହାନ୍ଦ୍, ଖୋଦ୍ରି, ଟୋନ୍‌ସ୍‌ର ଚିବ୍ରୋ |
| ଉତ୍ତରାଖଣ୍ଡ | ଭାଗିରଥୀର ତେହେରି ଡ୍ୟାମ୍ |
| ରାଜସ୍ଥାନ | ରାଣାପ୍ରତାପ ସାଗର ଓ ଜବାହାର ସାଗର(ଚମ୍ବଲନଦୀରେ) |
| ମଧ୍ୟପ୍ରଦେଶ | ଚମ୍ବଲର ଗାନ୍ଧିସାଗର, ନର୍ମଦାର ପେଞ୍ଚ ଓ ବାର୍‌ଗି, ଟୋନ୍‌ସ୍‌ର ବନ୍‌ସାଗର |
| ବିହାର | କୋଶୀ |
| ଝାଡଖଣ୍ଡ | ସୁବର୍ଣ୍ଣରେଖା, ମୈଥନ୍, ପଞ୍ଚେଟ୍, ତ୍ରିଲୈୟା (ସବୁ କେନ୍ଦ୍ର ଦାମୋଦର ଭ୍ୟାଲି କର୍ପୋରେସନ୍ ଅଧିନରେ ) |
| ପଶ୍ଚିମ ବଙ୍ଗ | ପଞ୍ଚେଟ୍ |
| ଓଡ଼ିଶା | ମହାନଦୀର ହିରାକୁଦ, ବାଲିମେଳା |
| ଉତ୍ତର-ପୂର୍ବ ରାଜ୍ୟ | ଦିଖୁ, ଦୋୟାଙ୍ଗ୍ (ଉଭୟ ନାଗାଲାଣ୍ଡରେ), ଗୋମୁତ୍ରି (ତ୍ରିପୁରା) ଲୋକତକ୍ (ମଣିପୁର), କୋପିଲି (ଆସାମ), ଖାନ୍‌ଡଙ୍ଗ୍, କିର୍‌ଦିମ୍‌କୁଲାଇ (ମେଘାଳୟ), ସେର୍‌ଲୁଇ ଓ ବାରାବି ମିଜୋରାମ୍), ରଙ୍ଗାନଦୀ (ଅରୁଣାଚଳ ପ୍ରଦେଶ) |
| ଗୁଜୁରାଟ | ଉକାଇ (ତାପୀ), କଦାନ୍ (ମାହି) |
| ମହାରାଷ୍ଟ୍ର | କୋୟନା, ଭିବ୍‌ପୁରୀ (Tata Hydroelectric Works) ଖୋପୋଲି, ଭୋଲା, ଭୀରା, ପୂର୍ଣ୍ଣା, ବୈତର୍ଣ୍ଣା, ପୈଥୋନ୍, ଭଟନଗର ବୀଡ଼୍ |
| ଆନ୍ଧ୍ରପ୍ରଦେଶ | ଲୋୟର ସିଲେରୁ, ଅପରସିଲେରୁ, ମାଛକୁଣ୍ଡ, ନିଜାମ ସାଗର, ନାଗାର୍ଜ୍ଜୁନ ସାଗର, ଶ୍ରୀସୈଲେମ୍ (କୃଷ୍ଣା) |



ଟିପ୍ପଣୀ

| | |
|---|---|
| କର୍ଣ୍ଣାଟକ | ତୁଙ୍ଗଭଦ୍ରା, ସରାବତୀ, କାଳିନଦୀ, ମହାତ୍ମାଗାନ୍ଧୀ (ଯୋଗ ଜଳପ୍ରପାତ), ଭଦ୍ରା, ଶିବ ସମୁଦ୍ରମ୍ (କାବେରୀ), ଶିମ୍ସପୁର, ମୁନିରାବାଦ୍, ଲିଙ୍ଗ୍ନାମକ୍କୀ |
| କେରଳ | ଇଦିକି (ପେରିୟାର), ସବରିଗିରି, କୁଟ୍ଟିୟାଡ଼ି, ଶୋଲାୟାର୍, ସେଙ୍ଗୁଲମ୍, ପଲ୍ଲୀବାସାଲ୍, କଲ୍ଲାଡ଼, ନେରିୟାମଙ୍ଗଳମ୍, ପରମ୍ବିକୁଲାମ୍, ଆଲିୟାର୍, ପୋରିଙ୍ଗଲ୍, ପୋନିୟାର୍ |
| ତାମିଲନାଡୁ | ପୈକରା, ମେଟ୍ଟୁର, କୋଡ଼ାୟାର୍, ଶୋଲାୟାର, ଆଲିୟାର, ସାକରପଟ୍ଟୀ, ମୋୟାର, ସୁରୁଲିୟାର୍, ପାପନାଶମ୍ |

## 23.12 ଆଣବିକ ଶକ୍ତି

ଆମଦେଶରେ ୟୁରାନିୟମ୍ ଓ ଥୋରିୟମ୍ ଭଳି ତେଜଷ୍କ୍ରୀୟ ଧାତୁରୁ ଆଣବିକ ଶକ୍ତି ଉତ୍ପାଦନ କରାଯାଇପାରୁଛି । ଆଣବିକ ଶକ୍ତି ଉତ୍ପାଦନ ପାଇଁ ପରମାଣୁ ରିଆକ୍ଟର ସ୍ଥାପନା କରିବା ଜରୁରୀ । ପରମାଣୁ ରିଆକ୍ଟର ସ୍ଥାପନ ପାଇଁ ବିପୁଳ ପରିମାଣର ପୁଞ୍ଜି ଓ ଅତ୍ୟାଧୁନିକ କାରିଗରୀ କୌଶଳ ଆବଶ୍ୟକ । ଦେଶର ମୋଟ୍ ଉତ୍ପାଦିତ ଶକ୍ତି ୨% ମାତ୍ର ଆଣବିକ ଶକ୍ତି । ମାତ୍ର ଭବିଷ୍ୟତ ପାଇଁ ଏହା ନିଶ୍ଚିତ ରୂପେ ଏକ ଉଦୀୟମାନ ଶକ୍ତି ଉତ୍ସରୂପେ ପରିଗଣିତ ହେବ । ସମୟ ଆସିବ ଯେତେବେଳେ କୋଇଲା ଓ ପେଟ୍ରୋଲିୟମ୍ ଭୂ-ଗର୍ଭରୁ ସରିଯିବାକୁ ବସିବ, ସେତେବେଳେ ଏହା ପରିପୂରକ ଭାବେ କାର୍ଯ୍ୟ କରିବ ।

ବିଗତ ଶତାବ୍ଦୀର ପଞ୍ଚମ ଦଶନ୍ଧିରେ ଭାରତରେ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । 1948 ମସିହା ଅଗଷ୍ଟ ମାସରେ 'ଟାଟା ଆଣବିକ ଶକ୍ତି ଆୟୋଗ (Tata Atomic Energy Commission) ପ୍ରତିଷ୍ଠା କରାଯାଇ ପରମାଣୁ କାର୍ଯ୍ୟକ୍ରମ ଉପରେ ନିର୍ଣ୍ଣୟାତ୍ମକ ଗତିବିଧିର ସଂଚାଳନ କରାଯାଉଛି । ମାତ୍ର 1954 ମସିହାରେ ଟ୍ରମ୍ବେଠାରେ ଆଣବିକ ଶକ୍ତି ସଂସ୍ଥାନ (Atomic Energy Institute) ସ୍ଥାପିତ ହେବାପରେ ଏ ଦିଗରେ ପ୍ରଗତି ହୋଇପାରିଲା । 1967 ମସିହାରେ ଏହି ସଂସ୍ଥାର ନାମ ପରିବର୍ତ୍ତୀତ ହୋଇ Bhaba Atomic Research Centre (BARC) ରଖାଗଲା । 1969 ମସିହାରେ ମୁମ୍ବାଇ ନିକଟବର୍ତ୍ତୀ ତାରାପୁରଠାରେ ଭାରତର ପ୍ରଥମ ଆଣବିକ ରିଆକ୍ଟର (320 ମେଗାୱାଟ୍ କ୍ଷମତା ବିଶିଷ୍ଟ) ପ୍ରତିଷ୍ଠା କରାଗଲା । ପରବର୍ତ୍ତୀ ପର୍ଯ୍ୟାୟରେ ରାଜସ୍ଥାନର କୋଟା ନିକଟବର୍ତ୍ତୀ ରାୱତ୍ଭାଟା (300 ମେଗାୱାଟ୍), ତାମିଲନାଡୁର କଳ୍ପକମ୍ (440 ମେଗାୱାଟ୍), ଉତ୍ତର ପ୍ରଦେଶର ନରୋରା, କର୍ଣ୍ଣାଟକର  କଇଗା ଏବଂ ଗୁଜୁରାଟର କାକ୍ରାପଡ଼ା ଠାରେ ପରମାଣୁ ଶକ୍ତି କେନ୍ଦ୍ର ସ୍ଥାପନ କରାଯାଇଛି । ବର୍ତ୍ତମାନ ଛଅଟି କେନ୍ଦ୍ରର 10ଟି ୟୁନିଟ୍‌ରେ ଆଣବିକଶକ୍ତି ଉତ୍ପାଦନ କରାଯାଉଛି । ଏସବୁ କେନ୍ଦ୍ରଗୁଡ଼ିକୁ ଆଣବିକ ଇନ୍ଧନ କମ୍ପ୍ଲେକ୍ସ (ହାଇଦ୍ରାବାଦ୍)ରୁ ଇନ୍ଧନ ଓ ଭାରିଜଳ କାରଖାନାରୁ ଭାରିଜଳ ଯୋଗାଇ ଦିଆଯାଏ ।

2004-05 ମସିହାରେ 16,707 ମେଗାୱାଟ୍ ଆଣବିକ ଶକ୍ତି ଉତ୍ପାଦନ ହୋଇଥିଲା । 2020 ସୁଦ୍ଧା 20,000 ମେଗାୱାଟ୍ ଶକ୍ତି ଉତ୍ପନ୍ନ କରିବାର ଯୋଜନା ଆଣବିକ ଶକ୍ତି ବିଭାଗ (Department of Atomic Energy) ପ୍ରସ୍ତୁତ କରିଛି ।

ଟିପ୍ପଣୀ

ଆଣବିକ ଶକ୍ତି ଉତ୍ପାଦନ ଅତ୍ୟନ୍ତ ବିପଦଜନକ । ଏକ୍ଷେତ୍ରରେ ସାଧାରଣ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟି ହଜାର ହଜାର ଲୋକଙ୍କର ଜୀବନ ହାନୀ ହେବାର ସମ୍ଭାବନା ରହିଛି । ତେଣୁ ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅତ୍ୟନ୍ତ ସତର୍କତା ମୂଳକ ପଦକ୍ଷେପ ଓ ସାବଧାନତା ଅବଲମ୍ବନ କରିବା ଅପରିହାର୍ଯ୍ୟ ।

## 23.13 ବିଦ୍ୟୁତ୍ ଉତ୍ପାଦନ ଉତ୍ସ ଅନୁଯାୟୀ କ୍ଷେତ୍ରୀୟ ବର୍ଗୀକରଣ :

ବିଦ୍ୟୁତ୍ ଉତ୍ସ ଅନୁଯାୟୀ ତିନିପ୍ରକାର ଅଞ୍ଚଳ /କ୍ଷେତ୍ର ଚିହ୍ନଟ କରାଯାଇପାରେ ।

**1.** **ଜଳ-ବିଦ୍ୟୁତ୍ ପ୍ରଧାନ କ୍ଷେତ୍ର :** କର୍ଣ୍ଣାଟକ, କେରଳ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜାମ୍ମୁ ଓ କାଶ୍ମୀର, ମେଘାଳୟ, ନାଗାଲାଣ୍ଡ, ତ୍ରିପୁରା ଓ ସିକିମ୍ ଆଦି ରାଜ୍ୟ ଏହି ଅଂଚଳ ଅନ୍ତର୍ଭୁକ୍ତ । ଏହି ରାଜ୍ୟଗୁଡ଼ିକରେ କୋଇଲା ଖଣିନାହିଁ । କିନ୍ତୁ ଜଳ-ବିଦ୍ୟୁତ୍ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁବିଧା ଅଛି ।

**2.** **ତାପଜ ବିଦ୍ୟୁତ୍ ପ୍ରଧାନ କ୍ଷେତ୍ର :** ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ଗୁଜୁରାଟ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଆସାମ, ଦିଲ୍ଲୀ, ହରିୟାନା ଏବଂ ପଞ୍ଜାବ ତାପଜ-ବିଦ୍ୟୁତ୍ ପ୍ରଧାନ ଅଞ୍ଚଳ ଅଟେ । ଏହି ରାଜ୍ୟଗୁଡ଼ିକରେ କୋଇଲା ଖଣି ରହିଛି । କିନ୍ତୁ ବିହାର, ଉତ୍ତରପ୍ରଦେଶ, ହରିୟାନା ଓ ପଞ୍ଜାବରେ କୋଇଲା ଖଣି ନଥିଲେ ମଧ୍ୟ ରେଳ ଲାଇନ୍ ଦ୍ୱାରା କୋଲ୍‌ଫିଲଡ୍ ସହ ସଂଯୁକ୍ତ ।

**3.** **ଆଣବିକ ଶକ୍ତି ପ୍ରଧାନ କ୍ଷେତ୍ର :** ଏକମାତ୍ର ରାଜସ୍ଥାନ ଏହି ଅଞ୍ଚଳ ଅନ୍ତର୍ଭୁକ୍ତ । ଏଠାରେ ଯେହେତୁ କୋଇଲା ଓ ଜଳର ଅଭାବ ରହିଛି, ତେଣୁ ରାଜ୍ୟରେ ଅର୍ଦ୍ଧାଧିକ ବାଣିଜ୍ୟିକ ଶକ୍ତି ଆବଣିକ ଶକ୍ତି ଉପରେ ଆଧାରିତ ।

## ପାଠଗତ ପ୍ରଶ୍ନ ୨୩.୪

1. ଶୂନ୍ୟସ୍ଥାନ ପୂରଣ କର ।

(i) କୋଇଲାରୁ ଉତ୍ପାଦିତ ବିଦ୍ୟୁତ୍ ________ ଶକ୍ତି ଅଟେ ।
(ଜଳ ବିଦ୍ୟୁତ୍, ତାପଜ ବିଦ୍ୟୁତ୍)

(ii) ପ୍ରବହମାନ ଜଳସ୍ରୋତର ଶକ୍ତି ସାହାଯ୍ୟରେ ଉତ୍ପାଦିତ ବିଦ୍ୟୁତ୍ ________ ଅଟେ ।
( ଜୁଆର ଶକ୍ତି, ଜଳ ବିଦ୍ୟୁତ୍ ଶକ୍ତି )

(iii) ଆଣବିକ ଶକ୍ତି ଉତ୍ପନ୍ନ ହେଉଥିବା ଦୁଇଟି ଧାତୁ ଯଥାକ୍ରମେ ________ ଓ ________ ।
(ୟୁରାନିୟମ୍, କୋଇଲା, ଥୋରିୟମ୍)

(iv) ଭାରତରେ ପ୍ରଥମ ଆଣବିକ ଶକ୍ତି କେନ୍ଦ୍ର ________ ଠାରେ ଅବସ୍ଥିତ ।
(ରାୱତଭାଟା, ତାରାପୁର )

2. ସଂକ୍ଷିପ୍ତ ଉତ୍ତର ଲେଖ ।

(i) ଜଳ ବିଦ୍ୟୁତ୍ ଶକ୍ତିର ୨ଟି ଉପକାରିତା ଲେଖ ।
(i) ________________ (ii) ________________

(ii) ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କ୍ଷମତାରେ ପୃଥିବୀରେ ଭାରତର ସ୍ଥାନ କେତେ ?
________________________________

(iii) ଉତ୍ତର ପ୍ରଦେଶର ୨ଟି ପ୍ରାକୃତିକ ଗ୍ୟାସ୍ ଉପରେ ଆଧାରିତ ତାପଜ ବିଦ୍ୟୁତ୍ କେନ୍ଦ୍ରର ନାମ ଲେଖ ।

(i) ______________________ (ii) ______________________

(iv) ଭାରତର କେଉଁ ଅଞ୍ଚଳ ନିଜର ଜଳ-ଶକ୍ତି କ୍ଷମତାର ସର୍ବାଧିକ ବିକାଶ କରନ୍ତି ?

(i) ______________________ (ii) ______________________

## 23.14 ଅଣପାରମ୍ପାରିକ ଶକ୍ତି ଉତ୍ସ

କୋଇଲା, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ପରି ପାରମ୍ପାରିକ ଶକ୍ତି ଉତ୍ସଗୁଡ଼ିକ ନିକଟ ଭବିଷ୍ୟତରେ ନିଃଶେଷ ହୋଇଯିବାର ସମ୍ଭାବନା ରହିଛି । ଏକକ ଭାବେ ଜଳ ବିଦ୍ୟୁତ୍ ଶକ୍ତିର ବିକାଶ ଭବିଷ୍ୟତରେ ବିଦ୍ୟୁତ୍ ଚାହିଦା ପୂରଣ କରିପାରିବ ନାହିଁ । ତେଣୁ ଶକ୍ତିର ବିକଳ୍ପ ଉତ୍ସର ଆବଶ୍ୟକତା ଅଧିକ । ତେଣୁ ସୂର୍ଯ୍ୟ, ପବନ, ଜୁଆର, ବାୟୋଗ୍ୟାସ୍ ଏବଂ ଉଷ୍ଣ ପ୍ରସବଣ ଆଦିକୁ ଶକ୍ତିର ବିକଳ୍ପ ଉତ୍ସ ଭାବେ ବ୍ୟବହାର କରାଯାଉଛି । ଏମାନଙ୍କୁ ଶକ୍ତିର ଅଣ-ପାରମ୍ପାରିକ ଉତ୍ସ କୁହାଯାଏ । ଏଗୁଡ଼ିକ ନବୀକରଣ ଯୋଗ୍ୟ ତଥା ପ୍ରଦୂଷଣ ମୁକ୍ତ ଶକ୍ତି ଉତ୍ସ । ଏହିସବୁ ଅଣ ପାରମ୍ପାରିକ ଶକ୍ତି ବିଷୟରେ ଆମେ ଆଲୋଚନା କରିବା ସହିତ ଆମ ଦେଶରେ ଏସବୁର ବିକାଶ ସମ୍ବନ୍ଧରେ ମଧ୍ୟ ଆଲୋକପାତ କରିବା ।

### (କ) ସୌର ଶକ୍ତି

ପୃଥିବୀ ପାଇଁ ସୂର୍ଯ୍ୟ ସକଳ ଶକ୍ତିର ଆଧାର । ସୂର୍ଯ୍ୟ ସର୍ବାଧିକ ପ୍ରାଣ ସଂଚାରକ, ସଶକ୍ତ ତଥା ଶକ୍ତିର ପ୍ରତ୍ୟକ୍ଷ ଉତ୍ସ ଅଟେ । ଭାରତ ଯେହେତୁ କ୍ରାନ୍ତିମଣ୍ଡଳରେ ଅବସ୍ଥିତ, ତେଣୁ ଦିନରେ ଦୀର୍ଘ ସମୟ ଧରି ସୂର୍ଯ୍ୟକିରଣ ପାଏ । ତେଣୁ ସ୍ୱଳ୍ପ ଖର୍ଚ୍ଚରେ ସୌରଶକ୍ତିର ବିକାଶ କରାଯାଇପାରିବାର ସମ୍ଭବନା ଅଧିକ ।

ସୋଲାର ଫୋଟୋ ଭୋଲ୍‌ଟାଇକ୍ ସେଲ୍ ବ୍ୟବସ୍ଥା ଦ୍ୱାରା ସୌରଶକ୍ତିକୁ ସଂଗ୍ରହ କରାଯାଏ । ଏହି ତାପଜ ଶକ୍ତିକୁ ପାଣିଗରମ କରିବା, ସୌରରନ୍ଧକରେ ରୋଷେଇ କରିବା, ଖାଦ୍ୟଶସ୍ୟ ଶୁଷ୍କ କରିବା ଭଳି ବହୁବିଧ କାର୍ଯ୍ୟରେ ବ୍ୟବହାର କରାଯାଏ । ଆମଦେଶରେ ପ୍ରତ୍ୟେକ ଅଂଚଳରେ ସୌରଶକ୍ତିର ବିକାଶ କରାଯାଇପାରେ । କିନ୍ତୁ ରାଜସ୍ଥାନ ଭଳି ଉଷ୍ଣ, ଶୁଷ୍କ ତଥା ମେଘମୁକ୍ତ ଅଞ୍ଚଳରେ ସର୍ବାଧିକ ବିକାଶ କରାଯାଇପାରେ ।

### (ଖ) ପବନ ଶକ୍ତି

ବର୍ଷସାରା ପ୍ରବଳ ବେଗରେ ନିରନ୍ତର ପବବ ପ୍ରବାହିତ ଅଞ୍ଚଳରେ ପବନ ଶକ୍ତିକୁ ବ୍ୟବହାର କରାଯାଇପାରେ । ପବନ ଶକ୍ତିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ସହିତ ଜଳସେଚନ ପାଇଁ ପମ୍ପକୁ କାର୍ଯ୍ୟକ୍ରମ କରାଯାଏ । ଆମଦେଶରେ ପବନ ଶକ୍ତିର ସମ୍ଭାବିତ କ୍ଷମତା ୪୫,୦୦୦ମେଗାୱାଟ୍ । ତାମିଲନାଡୁ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ କେରଳର ଅନେକ ସ୍ଥାନ ପବନ ଶକ୍ତିର ବିକାଶ ପାଇଁ ଚିହ୍ନଟ କରାଯାଇଛି । ବର୍ତ୍ତମାନ ଉପଯୋଗକ୍ଷମ ପବନ ଶକ୍ତିର କ୍ଷମତା ମାତ୍ର ୧୩,୦୦୦ ମେଗାୱାଟ୍ ଅଟେ । ଏବେ ଆମଦେଶରେ ୨୪୩୮ ମେଗାୱାଟ୍ ଶକ୍ତି ଉତ୍ପାଦନ କରାଯାଇପାରୁଛି । ପବନ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଭାରତର ସ୍ଥାନ ପୃଥିବୀରେ ୫ମ (ଜର୍ମାନୀ ୧ମ, ଯୁକ୍ତରାଷ୍ଟ୍ର ଆମେରିକା ୨ୟ, ଡେନମାର୍କ ୩ୟ ଏବଂ ସ୍ପେନ୍ ୪ର୍ଥ) ।

### (ଗ) ବାୟୋଗ୍ୟାସ୍

ଗୋବରରୁ ବାୟୋଗ୍ୟାସ୍ ପ୍ରସ୍ତୁତ କରାଯାଏ । ଆଜିକାଲି ଗ୍ରାମାଞ୍ଚଳରେ ବାୟୋଗ୍ୟାସ୍‌କୁ ଘରୋଇ ଇନ୍ଧନ ରୂପେ ବହୁଳ ଭାବେ ବ୍ୟବହାର କରାଯାଉଛି । ଗ୍ରାମାଞ୍ଚଳରେ ବାୟୋଗ୍ୟାସ୍ ପ୍ଲାଣ୍ଟର ଲୋକପ୍ରିୟତା ବୃଦ୍ଧି କରିବା ପାଇଁ ପ୍ରଚେଷ୍ଟା ଚାଲୁ ରହିଛି । ବଡ଼ ବଡ଼ ସହର ତଥା ଔଦ୍ୟୋଗିକ କେନ୍ଦ୍ରଗୁଡ଼ିକରେ ସହରୀ ଓ ଔଦ୍ୟୋଗିକ ଅପଶିଷ୍ଟ



ଟିପ୍ପଣୀ

ବାୟୋଗ୍ୟାସ୍‌ର ପ୍ରମୁଖ ଉତ୍ସ ଅଟେ । ବିଦ୍ୟୁତ୍‌ଶକ୍ତି କିମ୍ବା ବାୟୋଗ୍ୟାସ୍ ପ୍ରସ୍ତୁତିରେ ଏହି ଅପଶିଷ୍ଟ ବ୍ୟବହୃତ ହୋଇପାରିବ । ମାତ୍ର ଏ କ୍ଷେତ୍ରରେ କାର୍ଯ୍ୟ ଏବେ ମଧ୍ୟ ପ୍ରାଥମିକ ସ୍ତରରେ ହିଁ ରହିଛି । ଦିଲ୍ଲୀ ଏବଂ ଅନ୍ୟ କେତୋଟି ବଡ଼ ସହରରେ ଏପରି ଶକ୍ତି ଉତ୍ପାଦନକାରୀ କେନ୍ଦ୍ର ସ୍ଥାପିତ ହୋଇଛି ।

### (ଘ) ବାୟୋମାସ୍ :

ଫାର୍ମ କିମ୍ବା କୃଷି ଅପଶିଷ୍ଟ, କୃଷି ଔଦ୍ୟୋଗିକ ଅପଶିଷ୍ଟରୁ ଉତ୍ପନ୍ନ ହେଉଥିବା ଶକ୍ତିକୁ ବାୟୋମାସ୍ ଶକ୍ତି କହନ୍ତି । ଆମଦେଶରେ ବାୟୋମାସ୍ ଶକ୍ତି ସମ୍ଭାବିତ କ୍ଷମତା 19,500 ମେଗାୱାଟ୍ । ଏପର୍ଯ୍ୟନ୍ତ 614 ମେଗାୱାଟ୍ କ୍ଷମତା ସଂପନ୍ନ । ବାୟୋଗ୍ୟାସ୍ ଶକ୍ତି ଉତ୍ପାଦନ ପଦ୍ଧତି ସ୍ଥାପନ କରାଯାଇଛି ଏବଂ 643 ମେଗାୱାଟ୍ କ୍ଷମତା ସଂପନ୍ନ କେନ୍ଦ୍ର ସ୍ଥାପନ କରିବା ପ୍ରକ୍ରିୟା ଚାଲୁରହିଛି ।

### (ଙ) ଜୁଆର ଶକ୍ତି

ସମୁଦ୍ରରେ ସୃଷ୍ଟ ବିଶାଳ ଜୁଆର ତରଙ୍ଗରୁ ଜୁଆର ଶକ୍ତି ଉତ୍ପାଦନ କରାଯାଏ । ଜୁଆର ଶକ୍ତି ଉତ୍ପାଦନ ପାଇଁ କଚ୍ଛ ଉପସାଗର, ଗୁଜୁରାଟର କାମ୍ବେ ଉପସାଗର ଏବଂ କେରଳ ଉପକୂଳ ଅଂଚଳରେ କେତେକ ସ୍ଥାନ ନିରୂପଣ କରାଯାଇଛି । କେରଳ ଉପକୂଳରେ 150 ମେଗାୱାଟ୍ କ୍ଷମତା ସଂପନ୍ନ ଏକ କେନ୍ଦ୍ର ସ୍ଥାପନ କରାଯାଇଛି ।

### (ଚ) ଭୂ-ତାପଜ ଶକ୍ତି

ଆମଦେଶରେ ଭୂ-ତାପଜ ଶକ୍ତି କ୍ଷମତା ଅତି ନ୍ୟୁନ । ହିମାଚଳ ପ୍ରଦେଶର ମଣିକରନ୍, ଜାମ୍ମୁ ଓ କାଶ୍ମୀରରେ ଲାଦାଖର ପୂଗା ଉପତ୍ୟକା ପରି ସ୍ଥାନ ଭୂ-ତାପଜ ଶକ୍ତି ଉତ୍ପନ୍ନ କରିବା ପାଇଁ ଚିହ୍ନଟ କରାଯାଇଛି । ଏହାଛଡ଼ା ହିମାଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ରେ ସମ୍ଭାବ୍ୟ ସ୍ଥାନ ଖୋଜା ଚାଲିଛି ।

ପୂର୍ବରୁ ଆଲୋଚନା କରାଯାଇଛି ଯେ ଅଣପାରମ୍ପାରିକ ଶକ୍ତି ଉତ୍ସଗୁଡ଼ିକ ନବୀକରଣ ଯୋଗ୍ୟ ତଥା ପ୍ରଦୂଷଣ ମୁକ୍ତ । ଆମଦେଶରେ ଅସମାନ ରୂପେ ବିତରିତ ଶକ୍ତି ଉତ୍ସଗୁଡ଼ିକର ଉପଯୋଗରେ ଏମାନଙ୍କ ଠାରୁ ପ୍ରାପ୍ତ ଶକ୍ତିର ପ୍ରୟୋଗ ଲାଭଜନକ ହେବ କିନ୍ତୁ ଉପଯୁକ୍ତ ତଥା ଆର୍ଥିକ କ୍ଷମତା ଅନ୍ତର୍ଭୁକ୍ତ ପ୍ରଯୁକ୍ତ ବିଦ୍ୟାର ଅଭାବ ଯୋଗୁଁ ଅଣପାରମ୍ପାରିକ ଶକ୍ତିର ବିକାଶ ଅତି ଧୀର । ମାତ୍ର ଅତି ନିକଟ ଭବିଷ୍ୟତରେ ଏହି ପ୍ରକାର ଶକ୍ତି ଉତ୍ସଗୁଡ଼ିକ ଅତ୍ୟନ୍ତ ବିଶ୍ୱସ୍ତ ତଥା ଅପରିହାର୍ଯ୍ୟ ଶକ୍ତି ଉତ୍ସଭାବେ ପ୍ରମାଣିତ ହେବେ ।

ଦ୍ରୁତ ଶିଳ୍ପାୟନ ହେତୁ ଆମଦେଶରେ କୋଣେ ଅନୁକୋଣେ ଶିଳ୍ପୋଦ୍ୟୋଗ ସ୍ଥାପନ କୃଷିର ଯାନ୍ତ୍ରୀକିକରଣ ଚାଲିଛି । ତେଣୁ ନିଶ୍ଚିତ ଭାବେ ଅଣପାରମ୍ପାରିକ ଶକ୍ତିର ଚାହିଦା ଆହୁରି ବୃଦ୍ଧିପାଇବ ।

## ପାଠ୍ୟଗତ ପ୍ରଶ୍ନ ୨୩.୫

1. ସଂକ୍ଷିପ୍ତରେ ଉତ୍ତର ଦିଅ ।

(i) ଅଣପାରମ୍ପାରିକ ଶକ୍ତି ଉତ୍ସର ଦୁଇଟି ଉପକାରିତା ଲେଖ ।

a) ____________ (b) ____________



ଟିପ୍ପଣୀ

(ii) ଦେଶର କେଉଁ ଅଞ୍ଚଳରେ ବାୟୋଗ୍ୟାସ ପ୍ଲାଣ୍ଟ ବହୁଳ ଭାବେ ଲାଭପ୍ରଦ ହୋଇଛି ?

______________________________

(iii) ଗୁଜୁରାଟରେ ଜୁଆର ଶକ୍ତିର ବିକାଶ ପାଇଁ ଚିହ୍ନଟ କରାଯାଇଥିବା ଦୁଇଟି ସ୍ଥାନର ନାମ ଲେଖ ।

(a) ______________ (b) ______________

(iv) ସୌର ଶକ୍ତି ଦୋହନର ଦୁଇଟି ପ୍ରଣାଳୀ ଲେଖ ।

(a) ______________ (b) ______________

(v) ପବନ ଶକ୍ତିର ଦୁଇଟି ମୁଖ୍ୟ ଉପଯୋଗ ଲେଖ ।

(a) ______________ (b) ______________

## ତୁମେ କ'ଣ ଶିଖିଲ

ଯେ କୌଣସି ଦେଶର ଔଦ୍ୟୋଗିକ ବିକାଶ କ୍ଷେତ୍ରରେ ଖଣିଜ ଓ ଶକ୍ତି ସମ୍ବଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏମାନେ ଔଦ୍ୟୋଗିକ କଞ୍ଚାମାଲ ଏବଂ ଇନ୍ଧନ ଯୋଗାଇଥାନ୍ତି । ଖଣିଜ ଦୁଇ ପ୍ରକାର । ଯଥା- ଧାତବ ଖଣିଜ ଓ ଅଧାତବ ଖଣିଜ । ଧାତବ ଖଣିଜକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା- ଲୌହମିଶ୍ରିତ ଓ ଲୌହବିହୀନ ଧାତବ ଖଣିଜ । ଲୌହଯୁକ୍ତ ଧାତବ ଖଣିଜ ଦୃଷ୍ଟିରୁ ଭାରତ ସ୍ଥିତି ଅତି ଉତ୍ତମ । ଆମ ଦେଶରେ ଉତ୍କୃଷ୍ଟ ଧରଣର ଲୁହାପଥର ମିଳେ । ଭାରତରେ ପ୍ରଚୁର ଅଭ୍ର ଓ ବକ୍‌ସାଇଟ୍ ଖଣି ରହିଛି । ଅଭ୍ର ଉତ୍ପାଦନରେ ଭାରତ ପୃଥିବୀରେ ଏକ ଅନ୍ୟତମ ଅଗ୍ରଣୀ ଦେଶ । କୋଇଲା ଆମଦେଶର ପ୍ରାଥମିକ ଶକ୍ତି ଉତ୍ସ । ଗଣ୍ଡୱାନା ଶିଳାସ୍ତର ତଥା ଟର୍ସିୟାରୀ କାଳର ଶିଳାସ୍ତର ମଧ୍ୟରେ କୋଇଲା ମିଳେ । ଭାରତର ମୋଟ୍ ଗଚ୍ଛିତ ତଥା ଉତ୍ପାଦନର ୯୬% କୋଇଲା କେବଳ ଗଣ୍ଡୱାନା କୋଲ ଫିଲଡ୍‌ରୁ ଉପଲବ୍ଧ । ମାତ୍ର ପେଟ୍ରୋଲିୟମ୍ କ୍ଷେତ୍ରରେ ଭାରତର ସ୍ଥିତି ସ୍ୱଚ୍ଛଳ ନୁହେଁ । ଆସାମ ବଳୟ ଏବଂ ଗୁଜୁରାଟ-କାମ୍ବେ ଓ ବମ୍ବେ ହାଇ ଭାରତର ଦୁଇଟି ପ୍ରମୁଖ ପେଟ୍ରୋଲିୟମ୍ ଉତ୍ପାଦନ ଅଞ୍ଚଳ । ୟୁରାନିୟମ୍ ଓ ଥୋରିୟମ୍ ଭାରତରେ ମିଳୁଥିବା ଦୁଇଟି ଆଣବିକ ଧାତୁ । ଖଣିଜ ସମ୍ବଳର କ୍ରମାଗତ ହ୍ରାସ, ପାରିସ୍ଥିତିକ ସମସ୍ୟ, ପ୍ରଦୂଷଣ ଏବଂ ସାମାଜିକ ସମସ୍ୟା ଆଦି ଖଣିଜ ସମ୍ବଳର ପ୍ରଧାନ ସମସ୍ୟା ଅଟେ । ପୁନରୁଦ୍ଧାର, ପୁନଃଚକ୍ରଣ, ପ୍ରତିସ୍ଥାପନ ବା ପ୍ରତିବଦଳ ତଥା ଅଧିକ ଦକ୍ଷତାପୂର୍ଣ୍ଣ ଉପଯୋଗ ଦ୍ୱାରା ଖଣିଜ ସମ୍ବଳର ସଂରକ୍ଷଣ କରାଯାଇପାରିବ ।

ଆମଦେଶରେ ଏବେ ସମୁଦ୍ରତଟ ତଥା ଅପତଟ ଅଞ୍ଚଳରେ ତୈଳକୂପ ଆବିଷ୍କୃତ ହୋଇଛି । ରାଜସ୍ଥାନରେ ସମୁଦ୍ରତମ ତୈଳକୂପ ଏବଂ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶର ତଟବର୍ତ୍ତୀ ଅଂଚଳରେ ଅପତଟ ତୈଳକୂପର ସନ୍ଧାନ ମିଳିଛି । କୃଷ୍ଣା, ଗୋଦାବରୀ ଓ ମହାନଦୀ ଅବବାହିକାରେ ପ୍ରାକୃତିକ ବାଷ୍ପର ସନ୍ଧାନ ମିଳିବା ପରଠାରୁ ଏହା ଏକ ମୁଖ୍ୟ ବାଣିଜ୍ୟିକ ଶକ୍ତିରେ ପରିଣତ ହୋଇଛି । ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶକ୍ତି ହେଉଛି ଆଧାରିକ ସଂରଚନାତ୍ମକ ସମ୍ବଳ ।

କୋଇଲା, ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ, ଆଣବିକ ଶକ୍ତି ଓ ଜଳଶକ୍ତି ଆଦି ଶକ୍ତିର ମୁଖ୍ୟ ଉତ୍ସ ଅଟେ । କୋଇଲା, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପର ଉପଯୋଗ ଦ୍ୱାରା ନିର୍ଗତ ଶକ୍ତିକୁ ତାପଜ ବିଦ୍ୟୁତ୍ କୁହାଯାଏ ।

ଶକ୍ତିର ଏହି ଉତ୍ସଗୁଡ଼ିକ କ୍ଷୟଶୀଳ ଏବଂ ନବୀକରଣ ଅଯୋଗ୍ୟ ଅଟେ । ଏମାନେ ପ୍ରଦୂଷଣ କାରକ । ଜଳ ବିଦ୍ୟୁତ୍ କିନ୍ତୁ ନବୀକରଣ ଯୋଗ୍ୟ ତଥା ପ୍ରଦୂଷଣ ମୁକ୍ତ ଶକ୍ତି ସମ୍ବଳ ଏବଂ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ସ୍ୱଳ୍ପ ଅଟେ । ଅପର ପକ୍ଷେ ଆଣବିକ ଶକ୍ତି ଉତ୍ପାଦନ ପାଇଁ ବିପୁଳ ପରିମାଣର ପୁଞ୍ଜି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତି କୌଶଳ ଆବଶ୍ୟକ । ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ପଡ଼େ । ଆଣବିକ ଶକ୍ତି କେନ୍ଦ୍ର ନିକଟବର୍ତ୍ତୀ ଅଞ୍ଚଳର ଜନଜୀବନ ସୁରକ୍ଷା ପାଇଁ ଅତ୍ୟନ୍ତ ଯତ୍ନଶୀଳ  ଯଥା ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଅତ୍ୟାବଶ୍ୟକ । ଦେଶରେ ଉତ୍ପାଦିତ ମୋଟ୍ ଶକ୍ତିର 70% କେବଳ ତାପଜ ବିଦ୍ୟୁତ୍ । ଜଳ ବିଦ୍ୟୁତ୍‌ର ଅଂଶ 26% ଏବଂ ଆଣବିକ ଶକ୍ତିର ଅଂଶ ସର୍ବନିମ୍ନ ଅର୍ଥାତ୍ 2.5 ପ୍ରତିଶତ ଅଟେ ।

କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମୁଖ୍ୟତଃ କୋଇଲାଖଣି ଅଞ୍ଚଳ କିମ୍ବା ଉପଯୋଗ କେନ୍ଦ୍ର ନିକଟରେ ସ୍ଥାପନ କରାଯାଏ । ପ୍ରମୁଖ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଅଛି । ଏହାଛଡ଼ା ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶର ସୀମାରେ ମଧ୍ୟ କେତୋଟି ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇ ଦୂର-ଦୂରାନ୍ତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି । ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକରେ ଜଳ ବିଦ୍ୟୁତ୍‌ର ଯଥେଷ୍ଟ ବିକାଶ କରାଯାଇଛି । ଆମଦେଶ ନିଜ ଜଳଶକ୍ତିକୁ ସମ୍ଭାବିତ କ୍ଷମତାର ପ୍ରାୟ 50% ବିକଶିତ କରିପାରିଛି । ସୂର୍ଯ୍ୟ, ପବନ, ଜୁଆର, ଉଷ୍ଣପ୍ରସ୍ରବଣ ଓ ବାୟୋଗ୍ୟାସ୍ ଆଦି ଶକ୍ତିର ବିକଳ୍ପ ଉତ୍ସ ଅଟନ୍ତି । ଏମାନଙ୍କୁ ଶକ୍ତିର ଅଣପାରମ୍ପାରିକ ଉତ୍ସ କୁହାଯାଏ । ଏମାନେ ନବୀକରଣ ଯୋଗ୍ୟ, ପ୍ରଦୂଷଣ ମୁକ୍ତ ତଥା ସ୍ୱଳ୍ପଖର୍ଚ୍ଚ ବିଶିଷ୍ଟ ଅଟନ୍ତି । ଉପଯୁକ୍ତ ତଥା ଆର୍ଥିକ ଦୃଷ୍ଟିକୋଣରୁ ବ୍ୟବହାର୍ଯ୍ୟ ପ୍ରବିଧି ଅଭାବ ଯୋଗୁଁ ଏପ୍ରକାର ଶକ୍ତିର ଉତ୍ପାଦନ ଧୀର ମନ୍ଥର ଗତିରେ ଚାଲିଛି ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ:

1. ଖଣିଜ ସମ୍ବଳ କ୍ଷେତ୍ରରେ ଭାରତର ସ୍ଥିତି ସଂପର୍କରେ ବିବରଣୀ ପ୍ରଦାନ କର ।
2. ନିମ୍ନଲିଖିତ ଖଣିଜ ଓ ଖଣିଜ ଇନ୍ଧନର ବିତରଣ ତଥା ଉତ୍ପାଦନ ସମ୍ବନ୍ଧରେ ବିବରଣୀ ପ୍ରଦାନ କର ।

   (i) ଲୁହାପଥର

   (ii) କୋଇଲା

   (iii) ପେଟ୍ରୋଲିୟମ୍
3. ଖଣିଜ ସମ୍ବଳର ଦୋହନ ଜନିତ ସମସ୍ୟାଗୁଡ଼ିକ ଆଲୋଚନା କର ।
4. ଖଣିଜ ସମ୍ବଳର ସଂରକ୍ଷଣ ଉପାୟଗୁଡ଼ିକ ବର୍ଣ୍ଣନା କର ।
5. ସଂକ୍ଷିପ୍ତ ଉତ୍ତର ଲେଖ ।

(i) ନବୀକରଣ ଯୋଗ୍ୟ ତଥା ପ୍ରଦୂଷଣ ମୁକ୍ତ ତିନୋଟି ଶକ୍ତି ଉତ୍ସର ନାମ ଲେଖ ।

(ii) ତାପଜ ବିଦ୍ୟୁତ୍, ଜଳବିଦ୍ୟୁତ୍ ଓ ଆଣବିକ ବିଦ୍ୟୁତ୍ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । ଦେଶର ମୋଟ୍ ଉତ୍ପାଦନରେ ଏମାନଙ୍କର ଯୋଗଦାନ ଉଲ୍ଲେଖ କର ।

(iii) ଅଣପାରମ୍ପାରିକ ଶକ୍ତି ଉତ୍ସର ଦୁଇଟି ଉପକାରିତା ଲେଖ ।

(iv) ଗ୍ରାମାଞ୍ଚଳରେ ମୁଖ୍ୟ ଶକ୍ତି ରୂପେ ବାୟୋଗ୍ୟାସ୍‌ର ଭୂମିକା ଆଲୋଚନା କର ।

6. ପାର୍ଥକ୍ୟ ଦର୍ଶାଅ

(i) ପାରମ୍ପାରିକ ଓ ଅଣ ପାରମ୍ପାରିକ ଶକ୍ତି ଉତ୍ସ

(ii) ସୌର ଶକ୍ତି ଓ ପବନ ଶକ୍ତି

7. ମାନଚିତ୍ରରେ ନିମ୍ନଲିଖିତ ସ୍ଥାନଗୁଡ଼ିକ ଦର୍ଶାଅ ।

(i) ଝରିଆ ଓ ରାଣିଗଞ୍ଜ କୋଲ୍‌ଫିଲଡ୍

(ii) ଅଙ୍କଲେଶ୍ୱର ଓ ଦିଗ୍‌ବୋଇ ତୈଳଖଣି

(iii) ମଥୁରା ଓ ପାନିପଥ ତୈଳ ବିଶୋଧନାଗାର

(iv) ତାଳଚେର ଓ କୋର୍ବା ତାପଜ ବିଦ୍ୟୁତ୍ କେନ୍ଦ୍ର

(v) କଇଗା ଓ କୋଟା ଆଣବିକ ଶକ୍ତି କେନ୍ଦ୍ର

(vi) ଭାକ୍ରା ଓ ନାଗାର୍ଜ୍ଜୁନ ସାଗର ଜଳ ବିଦ୍ୟୁତ୍ କେନ୍ଦ୍ର

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**23.1**

1. (i) କୋଇଲା (ii) ଦକ୍ଷିଣ ପଶ୍ଚିମ ମାଳଭୂମି (iii) ବାରାଭଣୀ
(iv) ଆସାମ ଓ ଗୁଜୁରାଟ (v) ଦାମୋଦର ଉପତ୍ୟକା
(vi) ଜାମ୍ମୁ ଓ କାଶ୍ମୀର (vii) ଝରିଆ (viii) କୃଷ୍ଣା ଓ ଗୋଦାବରୀ

**23.2**

1. (i) ବିଶାଖାପାଟଣା (ii) ହେମାଟାଇଟ୍ (iii) ଓଡ଼ିଶା
(iv) ଧାତବ ଶିଳ୍ପ (v) ଲୌହ-ବିହୀନ ଧାତବ ଖଣିଜ
(vi) ବକ୍‌ସାଇଟ୍ (vii) ଅଭ୍ର

**23.3**

1. (କ) (i) ତାପଜ (ii) ଜଳ ବିଦ୍ୟୁତ୍
(ଖ) ଜଳ ବିଦ୍ୟୁତ୍
(ଗ) (i) କୋଇଲା (ii) ପେଟ୍ରୋଲିୟମ୍ (iii) ପ୍ରାକୃତିକ ବାଷ୍ପ



ଟିପ୍ପଣୀ

2. 1. (a) 2. (c) 3. (b)

**23.4**

I. ୧. ତାପଜ ଶକ୍ତି (୨) ଜଳ ବିଦ୍ୟୁତ୍ ଶକ୍ତି

(୩) ୟୁରାନିୟମ୍ ଓ ଥୋରିୟସ୍ (୪) ତାରାପୁର

II. (i) (କ) ନବୀକରଣ ଯୋଗ୍ୟ ଓ ପ୍ରଦୂଷଣ ମୁକ୍ତ

(ଖ) ୫ମ

(ଗ) (i) ଦାଦ୍ରୀ ଓ ଔରିଆ

(ଘ) ଉପଦ୍ୱୀପୀୟ ଅଞ୍ଚଳ

**23.5**

(i) (କ) ପ୍ରଦୂଷଣ ମୁକ୍ତ (ଖ) ନବୀକରଣ ଯୋଗ୍ୟ

(ii) ଗ୍ରାମାଞ୍ଚଳ

(iii) (କ) କଚ୍ଛ ଉପସାଗର (ଖ) କାମ୍ବେ ଉପସାଗର

(iv) (କ) ତାପୀୟ ଉଷ୍ମ ପ୍ରଣାଳୀ ଓ (ଖ) ଫୋଟୋ ଭୋଲ୍‌ଟାଇପ୍ ସେଲ୍

(v) (କ) ଜଳ ପମ୍ପ (ଖ) ବିଦ୍ୟୁତ୍ ଶକ୍ତି ଉତ୍ପାଦନ

## ପାଠାନ୍ତ ପ୍ରଶ୍ନାବଳୀର ସଂକେତ

1. 23.1 ଅନୁଚ୍ଛେଦ ଦେଖ ।

2.(a)(i) ଲୁହାପଥର (b) ଲୌହଯୁକ୍ତ ଧାତବ ଖଣିଜ ଅନୁଚ୍ଛେଦ ୨୩.୪ (c) ଦେଖ ।

(b) 23.3 (a) ଅନୁଚ୍ଛେଦ ଦେଖ ।

(c) 23.3 (b) ଅନୁଚ୍ଛେଦ ଦେଖ ।

3. 23.5 ଅନୁଚ୍ଛେଦ ଦେଖ ।

4. 23.6 ଅନୁଚ୍ଛେଦ ଦେଖ ।

5. (i) 23.8 ଅନୁଚ୍ଛେଦ ଦେଖ ।

(ii) 23.10, 23.11 ଓ 23.12 ଅନୁଚ୍ଛେଦ ଦେଖ ।

(iii) 23.14 ଅନୁଚ୍ଛେଦ ଦେଖ ।

(iv) 23.14 (ଗ) ଅନୁଚ୍ଛେଦ ଦେଖ ।

6. 23.8, 23.10, 23.11 ଓ 23.12 ଅନୁଚ୍ଛେଦ ଦେଖ ।

7. ମାନଚିତ୍ର ଦେଖ ।